## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

**ବ୍ରହ୍ମପୁର ଅଫିସ,୧୬।୪:** ପୃଥକ୍ ଦୁର୍ଘଟଣାରେ ଗୁରୁତର ଥିବା ୩ ଜଣଙ୍କ ମଧରୁ ଦୁଇ ଜଣଙ୍କର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ଆହତ ଚିକିତ୍ସାଧୀନ ଅଛନ୍ତି। ମୃତକମାନେ ହେଲେ ଗଜପତି ନଗରରେ ରହୁଥିବା ଏମ. କଲ୍ୟାଣୀ ଓ ପୋଲସରା ଥାନା ମଥୁରା ଗ୍ରାମର କାହ୍ନା ଜେନା । କଲ୍ୟାଣୀଙ୍କ ସ୍ୱାମୀ ଏମ. ଦୁର୍ଯ୍ୟୋଧନ ରାଓ ଚିକିତ୍ସାଧୀନ ଥିବା ବଡ଼ ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି । ପୋଲିସ ୨ଟି ମୃତଦେହ ଜବତ କରିଛି। ଏ ନେଇ ନଂ.୧୮୦/୧୯ ଓ ୧୮୧/୧୯ରେ ମାମଲା ରୁଜୁ ହୋଇଛି। ଆନ୍ଧ୍ରପ୍ରଦେଶ କାଞ୍ଚିଲି ଥାନା ଅନ୍ତର୍ଗତ ଗଙ୍ଗାଧର ଗ୍ରାମର ଏମ. ଦୁର୍ଯ୍ୟୋଧନ ଓ ତାଙ୍କ ସ୍ତ୍ରୀ କଲ୍ୟାଣୀ କିଛି ମାସ ହେଲା ଗଜପତି ନଗରରେ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ଏହି ଦମ୍ପତି ଇଚ୍ଛାପୁରମର ଏକ ମନ୍ଦିରକୁ ଯାଇ ବାଇକ୍‌ରେ ବ୍ରହ୍ମପୁର ଫେରୁଥିଲେ। ସୁରଳ ଛକରେ ବାଇକ୍‌କୁ ଏକ କାର ଧକ୍କା ଦେଇ ପଳାଇବାରୁ ଦମ୍ପତି ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସରେ ବଡ଼ ମେଡିକାଲକୁ ପଠାଇଥିଲେ । ଚିକିତ୍ସାଧିନ ଅବସ୍ଥାରେ କଲ୍ୟାଣୀଙ୍କ ମୃତ୍ୟୁ ଘଟିଥିଲା। ସେହିପରି କାହ୍ନା ଜେନା ସୋମବାର ସନ୍ଧ୍ୟାରେ ବାଇକରେ ଯାଉଥିବା ବେଳେ ମଥୁରା ନିକଟରେ ଏକ ଅଟୋ ଧକ୍କା ଦେଇଥିଲା । ଫଳରେ କାହ୍ନା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ଖଲି ଦାସଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୧୬।୪:** ବ୍ରହ୍ମପୁର ମହାନଗର ନିଗମ(ବିଏମସି)ର ପୂର୍ବତନ ମେୟର ଶିବ ଶଙ୍କର ଦାସଙ୍କ ବାପା ରାମକୃଷ୍ଣ ଦାସ ଓରଫ ଖଲିଙ୍କୁ ମଙ୍ଗଳବାର ଅତିରିକ୍ତ ଜିଲା ଦୌରାଜଜ୍-୩ ନିରଞ୍ଜନ ଜେନା ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ଖଲି ଦାସଙ୍କ ନାଁରେ ୨୩ଟି ମାମଲା ରହିଥିବା ବେଳେ ପୂର୍ବରୁ ସେ ୨୨ଟି ମାମଲାରେ ଜାମିନ ପାଇ ସାରିଥିଲେ। ମଙ୍ଗଳବାର ଜିଆର ୧୩୬୮/୧୬ ମାମଲାରେ ଖଲିଙ୍କୁ ଜାମିନ ମିଳିଥିବା ତାଙ୍କ ଓକିଲ ଶିବ ନାରାୟଣ ସାହୁ ଓ କୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଖଲିଙ୍କ ନାମରେ ଥିବା ସମସ୍ତ ମାମଲାରେ ତାଙ୍କୁ ଜାମିନ ମିଳି ଯାଇଥିବାରୁ ସେ ମଣ୍ଡଳ କାରାଗାରରୁ ବାହାରିବେ ବୋଲି ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଖଲିଙ୍କ ନାମରେ ଏକାଧିକ ମାମଲା ରହିଥିବା ବେଳେ ସେ ଫେରାର ଥିଲେ। ମାର୍ଚ୍ଚ ୧୨ରେ ଗୋଷାଣୀ ନୂଆଗାଁ ପୋଲିସ ତାଙ୍କୁ ଗିରଫ କରି ତାଙ୍କ ବିରୋଧରେ ଥିବା ୨୨ଟି ୱାରେଣ୍ଟ ବଳରେ କୋର୍ଟଚାଲାଣ କରିଥିଲା ।

### ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଆହତ

**ବ୍ରହ୍ମପୁର ଅଫିସ,୧୬।୪:** ସଦର ଥାନା ଅନ୍ତର୍ଗତ ଏ. ରଘୁନାଥପୁର ଛକରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି । ମୃତ ମହିଳା ହେଲେ ବ୍ରହ୍ମଣୀଗାଁର ପୂଜା ସାହୁ। ତାଙ୍କ ସ୍ୱାମୀ ବୀରେନ୍ଦ୍ର ସାହୁଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ବୀରେନ୍ଦ୍ର ମଙ୍ଗଳବାର ଶ୍ୱଶୁର ଘର ଜୁଗୁଡ଼ି ଗ୍ରାମକୁ ବାଇକରେ ଆସୁଥିଲେ। ଏ. ରଘୁନାଥପୁର ଛକରେ ରାସ୍ତା ପାର ହେଉଥିବା ଜଣେ ବୃଦ୍ଧାଙ୍କୁ ରକ୍ଷା କରିବାକୁ ବୀରେନ୍ଦ୍ର ବାଇକ୍‌ରୁ ଭାରସାମ୍ୟ ହରାଇଥିଲେ। ଫଳରେ ଦମ୍ପତି ଗାଡ଼ିରୁ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ କୁକୁଡ଼ାଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପୂଜାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତଦେହକୁ ପୋଲିସ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

### ଘର ସମ୍ମୁଖରୁ ଗାଡ଼ି ଚୋରି

**ବ୍ରହ୍ମପୁର ଅଫିସ,୧୬।୪:** ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗରରେ ରହୁଥିବା ବ୍ୟାଙ୍କ କର୍ମଚାରୀ ତପନ କୁମାର ପାଣିଗ୍ରାହୀଙ୍କ ବୁଲେଟ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୬୩/୧୯ରେ ଏକ ମାମଲା ରୁଜୁ କରିଛି। ୮ ତାରିଖ ରାତିରେ ତପନ ପ୍ରତିଦିନ ଭଳି ନିଜ ବୁଲେଟ ଘର ସମ୍ମୁଖରେ ରଖିଥିଲେ। ୯ ତାରିଖ ସକାଳୁ ତାହା ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ଗାଡ଼ି ନ ପାଇ ସୋମବାର ତପନ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।


ମାନସିକ ବେଶଧାରୀଙ୍କ ଦୁର୍ଗା ବେଶ ।


ମାନସିକ ବେଶଧାରୀଙ୍କ ମୁନିଋଷି ବେଶ ।


କୃଷ୍ଣ, ବଳରାମ, ହନୁମାନ ବେଶରେ ମାନସିକଧାରୀ ।


ଉନ୍ମୋଚିତ ହୋଇଥିବା ବିଞ୍ଛଣା ରଥ ।

# ଆରମ୍ଭ ହେଲା ରଥ, କଳାକୁଞ୍ଜ ଉନ୍ମୋଚନ ପର୍ବ

**ବ୍ରହ୍ମପୁର ଅଫିସ,୧୬।୪**

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢୀ ଠାକୁରାଣୀଙ୍କ ଯାତ୍ରା ମଙ୍ଗଳବାର ୧୮ ଦିନରେ ପହଞ୍ଚିଛି। ମଙ୍ଗଳବାରଠାରୁ ଯାତ୍ରା ଦାଣ୍ଡକୁ ରଥ ଆସିବା ଆରମ୍ଭ ହୋଇଛି। ଯାତ୍ରା ବିଧି ଅନୁସାରେ ମା' ସାହି ପରିକ୍ରମା ବେଳେ ଯାତ୍ରା ଦାଣ୍ଡରେ ପ୍ରଥମେ ନିଜର ପ୍ରିୟ ବିଞ୍ଛଣା ରଥକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହାପରେ ଯାତ୍ରା ଦାଣ୍ଡରେ ରଥ ଓ କଳାକୁଞ୍ଜଗୁଡିକର ଉନ୍ମୋଚନ ପର୍ବ ଶୁଭାରମ୍ଭ ହୋଇଛି ।

ଯାତ୍ରା ଆରମ୍ଭର ତୃତୀୟ ଦିନଠାରୁ ପ୍ରତ୍ୟେକ ଦିନ ମା'ଙ୍କ ଘଟ ସାହି ପରିକ୍ରମା ପୂର୍ବରୁ ପ୍ରଥମେ ରାଜବାଟିକୁ ଯାଇ ପ୍ରଧାନ ସେବକ ରାଜା ଅଶୋକ କୁମାର ନରେନ୍ଦ୍ର ଦେବଙ୍କଠାରୁ ପୂଜା ଗ୍ରହଣ କରିବାର ବିଧି ରହିଛି । ହେଲେ ମା'ଙ୍କ ଅତି ପ୍ରିୟ ବାଚୁୟାରୀ ସାହିର ବିଞ୍ଛଣା ରଥ ଯାତ୍ରା ଦାଣ୍ଡକୁ ଓହ୍ଲାଇବା ଦିନ ଏଥିରେ ବ୍ୟତିକ୍ରମ ହୁଏ । ମା' ପ୍ରଥମେ ଉକ୍ତ ରଥକୁ ଉନ୍ମୋଚନ କରିବା ପରେ ରାଜବାଟିକୁ ରାଜାଙ୍କଠାରୁ ପୂଜା ଗ୍ରହଣ ପାଇଁ ଯିବା କିମ୍ବଦନ୍ତୀରେ ରହିଛି । ସେହିକ୍ରମରେ ମଙ୍ଗଳବାର ସନ୍ଧ୍ୟା ଆଳତୀ ପରେ ବିଭିନ୍ନ ବାଦ୍ୟବାଜଣା, ଶଙ୍ଖ ମହୁରୀ ଧ୍ୱନି ମଧ୍ୟରେ ମା'ଙ୍କ ଘଟ ଅସ୍ଥାୟୀ ପୀଠରୁ ଶୋଭାଯାତ୍ରାରେ ବାହାରି ପ୍ରଥମେ ବାଚୁୟାରୀ ସାହିକୁ ଯାଇଥିଲା।

**■ଯାତ୍ରା ଦାଣ୍ଡକୁ ଆସିଲା ବିଞ୍ଛଣା ରଥ**

**■ରାଜବାଟିକୁ ଗଲା ଘଟ**




ମା' ଦେବକୀ ମୁଖ୍ୟ ଘଟ ଓ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱ ଘଟକୁ ମୁଣ୍ଡାଇ ବାଚୁୟାରୀ ସାହିରେ ପହଞ୍ଚିଥିଲେ । ସେଠାରେ ଐତିହାସିକ ବିଞ୍ଛଣା ରଥ ଉନ୍ମୋଚନ କରାଯାଇଥିଲା। ଏହାପରେ ପରମ୍ପରା ଅନୁସାରେ ସାରାଦିନ ଉପବାସ ରହିଥିବା ଶିଶୁମାନେ ବିଭିନ୍ନ ଦେବଦେବୀଙ୍କ ବେଶ ଧାରଣ କରି ରଥରେ ବସିବା ସହ ମା'ଙ୍କ ନିକଟରେ ପୂଜା ହୋଇଥିବା ଖିରି ଖାଇଥିଲେ । ପରେ ଘଟ ଶୋଭାଯାତ୍ରାରେ ରାଜବାଟିକୁ ଯାଇଥିଲା। ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତୀ, ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରା ଦେଶୀବେହେରା ସାହି ଦେଇ ଅସ୍ଥାୟୀ ପୀଠକୁ ବାହୁଡିଥିଲା । ମା'ଙ୍କ ଘଟ ବାଚୁୟାରୀ ସାହି ଓ ରାଜବାଟିକୁ ଯିବା ରାସ୍ତାରେ ଶତାଧିକ ମହିଳା ଧାଡିରେ ରହି ମୁଖ୍ୟ ଘଟଧାରୀ ଦେବକୀଙ୍କ ପାଦରେ ହଳଦୀ କର୍ପୂର ମିଶା ଜଳ ଢାଳିଥିଲେ। ଅନ୍ୟପକ୍ଷରେ ଚୈତ୍ର ମାସର ଶେଷ ମଙ୍ଗଳବାର ହୋଇଥିବାରୁ ଅସ୍ଥାୟୀ ପୀଠରେ ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେପଟେ ଯାତ୍ରା ସରି ଆସୁଥିବାରୁ ମାନସିକ ବେଶଧାରୀଙ୍କ ସଂଖ୍ୟା ବଢିଥିଲା । ମହିଳାମାନେ ଅସ୍ଥାୟୀ ପୀଠ ସମ୍ମୁଖରେ ଥିବା ଧର୍ମଝଣ୍ଡା ମୂଳରେ ପିଠା, ଖିରି ଭୋଗ ଲଗାଇ ପାଣି ଢାଳିଥିଲେ । ମା'ଙ୍କ ନିକଟରେ ଭୋଗ ଲାଗି କରିଥିଲେ । ବିଞ୍ଛଣା ରଥ ଉନ୍ମୋଚନ ପରେ ଯାତ୍ରା ପରମ୍ପରା ଅନୁଯାୟୀ ଦୋଳି ରଥ, ଡଙ୍ଗା ସହ ଶିବାରୁଢା କାଳୀ, ଜ୍ୱାଳାମୁଖୀ, ମା' ଜ୍ୱଳା, ବନଦୁର୍ଗା, ଶ୍ରୀକୃଷ୍ଣ, ମହାଲକ୍ଷ୍ମୀ ଆଦି ରଥ ଓ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଗୋଟିଏ ପରେ ଗୋଟିଏ ଓହ୍ଲାଇବ। ବୁଧବାରଠାରୁ ଯାତ୍ରାରେ ଭିଡ ବଢିବ ।

## ବ୍ୟାଙ୍କ ଡକାୟତି ଯୋଜନା ପଣ୍ଡ, ୭ ଗିରଫ

**ଗୋପାଳପୁର/କନିଷି,୧୬।୪(ଡି.ଏନ.ଏ.)**

ଗୋଳନ୍ଥରା ଥାନା ପୋଲିସ ସୋମବାର ରାତିରେ ଏକ ବ୍ୟାଙ୍କରୁ ଡକାୟତି ଯୋଜନା କରୁଥିବା ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁନା ବେହେରା, ସୁରଜ ପରିଡା, ତୋଫାନ ଦାସ, ଲିଲୁ ଦଳେଇ, ଅମର କୁମାର ଦଳେଇ, ବିକ୍ରମ ଦାସ ଓ ମନୋଜ ଦାସ। ସେମାନଙ୍କଠାରୁ ଦୁଇଟି ବୋମା, ୨ ଖଣ୍ଡା, ଗୋଟିଏ ଲୁହାରଡ ଜବତ କରାଯାଇଛି। କୁନାଙ୍କ ନାମରେ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ୨୨ ମାମଲା ରହିଥିବା ଥାନା ଅଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି। ସୋମବାର ରାତିରେ ରଣ୍ଟା ଓ ଟିକରଡା ରାସ୍ତାରେ ଥିବା ଏକ ନିର୍ମାଣାଧୀନ କୋଠାରେ ଅଭିଯୁକ୍ତମାନେ ରଣ୍ଟାସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ଏହି ସୂଚନା ପାଇ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ନଂ. ୧୧୧/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଏକାଧିକ ମାମଲାର ଅଭିଯୁକ୍ତ କୁନାଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ତାଙ୍କୁ କୋର୍ଟଚାଲାଣ କରାଯାଇଥିଲେ ମଧ୍ୟ ପରେ ଜାମିନରେ ମୁକୁଳିଥିଲେ।


ଗିରଫ ଅଭିଯୁକ୍ତମାନେ।

## ଚକ୍ଷୁ ଚିକିତ୍ସା ଶିବିର

**ବ୍ରହ୍ମପୁର ଅଫିସ,୧୬।୪**

ଗୋଷାଣୀନୂଆଗାଁ ଚିଦାନନ୍ଦ ସତସଂଘ କେନ୍ଦ୍ର ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୦୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୨୬ ଜଣଙ୍କ ଚକ୍ଷୁ ପରଳ ଚିକିତ୍ସା ପାଇଁ ପଠାଯାଇଥିଲା । କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତି ଭୂଷଣ ପଣ୍ଡା, ସଭାପତି ଭଗବାନ ସାହୁ, ଉପସଭାପତି ଗୌରୀ ପାଠୀ, ସମ୍ପାଦକ ଜଗନ୍ନାଥ ଆଚାର୍ଯ୍ୟଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

### ନିଯୁକ୍ତି ପରଠାରୁ କୋର୍ଟରେ ଅନୁପସ୍ଥିତ ଏପିପି

## ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**ବ୍ରହ୍ମପୁର ଅଫିସ,୧୬।୪**

ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ଆଇନ ବିଭାଗ ତରଫରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର (ଏପିପି) ଭାବେ ବିଶ୍ୱମ୍ଭର ସ୍ୱାଇଁ ଗତ ଅକ୍ଟୋବରରେ ନିଯୁକ୍ତି ପାଇଥିଲେ। ସେ ଜୟପୁର ଏସଡିଜେଏମ କୋର୍ଟରେ ନିଯୁକ୍ତି ପାଇଥିଲେ ମଧ୍ୟ କାର୍ଯ୍ୟରେ ଯୋଗ ନ ଦେଇ ପ୍ରତି ମାସରେ ଦରମା ନେଉଥିଲେ। ଏପରି ଅଭିଯୋଗ ଆସିବା ପରେ ବ୍ରହ୍ମପୁରରେ ରହୁଥିବା ଡେପୁଟି ଡାଇରେକ୍ଟର ଅଫ ପବ୍ଲିକ ପ୍ରସିକ୍ୟୁଟର (ଡିଡିପିପି) ଜମେଶ୍ୱର ମିଶ୍ର ଅଚାନକ ଜୟପୁର ଗସ୍ତ କରି ଏସଡିଜେଏମଙ୍କ କୋର୍ଟରେ ଏପିପିଙ୍କ କାର୍ଯ୍ୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଯାଞ୍ଚ ବେଳେ ଏପିପି ସ୍ୱାଇଁ ନିଯୁକ୍ତି ପରଠାରୁ କାର୍ଯ୍ୟରେ ଯୋଗ ଦେଇ ନ ଥିବା ଓ ପ୍ରତ୍ୟେକ ମାସରେ ଦରମା ଗ୍ରହଣ କରୁଥିବା ତଥ୍ୟ ଡିଡିପିପିଙ୍କ ହସ୍ତଗତ ହୋଇଥିଲା। ଏ ସମ୍ପର୍କରେ ଡାଇରେକ୍ଟର ପବ୍ଲିକ ପ୍ରସିକ୍ୟୁଟର (ଡିପିପି) ମାନସ ମିଶ୍ରଙ୍କୁ ଜଣାଇ ଦିଆଯାଇଛି। ଏପିପି ସ୍ୱାଇଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଧବାର ଡିଡିପିପି ମିଶ୍ର ବ୍ରହ୍ମପୁରରେ ଡିପିପିଙ୍କୁ ସୁପାରିସ କରିବେ ବୋଲି କହିଛନ୍ତି ।

## ରେଳ ଧାରଣାରୁ ଯୁବକ, ମହିଳାଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୧୬।୪**

ରେଳବାଇ ପୋଲିସ ସ୍ଥାନୀୟ ନାରୀ ସେବା ସଦନ ନିକଟ ରେଳ ଧାରଣାରୁ ମଙ୍ଗଳବାର ସକାଳେ ଜଣେ ଯୁବକ ଓ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା। ସେଠାରୁ ମିଳିଥିବା ମୋବାଇଲ ଫୋନରୁ ଯୁବକଙ୍କ ପରିବାର ସହ ପୋଲିସ ଯୋଗାଯୋଗ କରିଥିଲା। ପୋଲିସଠାରୁ ସୂଚନା ପାଇ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଖରିଡା ଗ୍ରାମର ଲକ୍ଷ୍ମୀ ନାହାକ ଓ ତାଙ୍କ ସାନ ପୁଅ ବିକ୍ରମ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ଯୁବକ ଜଣକ ନିଜ ପୁଅ ଗୋପାଳ ବୋଲି ଲକ୍ଷ୍ମୀ ଚିହ୍ନଟ କରିଥିବା ପୋଲିସ ସ୍ପଷ୍ଟ କରିଛି। ସେହିପରି ମୃତ ମହିଳା ଜଣକ କୁକୁଡ଼ଖଣ୍ଡିର ଦେବକୀ ଦାସ ବୋଲି ତାଙ୍କ ଶ୍ୱଶୁର ମେଡିକାଲରେ ଚିହ୍ନଟ କରିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ମୃତଦେହ ୨ଟି ପଞ୍ଚନାମା କରାଯାଇଛି। ୧୧/୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଛି। ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଉଭୟେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଗୋପାଳ ଇଚ୍ଛାପୁର ଅଞ୍ଚଳରେ ଏକ ଇଟାଭାଟିରେ ଶ୍ରମିକ କାମ କରୁଥିଲେ। କିଛିଦିନ ତଳେ ସେ ଗ୍ରାମକୁ ଆସିଥିଲେ। ସୋମବାର ଅପରାହ୍ନରେ ଇଚ୍ଛାପୁର ଯାଉଛି କହି ଘରୁ ବାହାରିଥିଲେ ବୋଲି ତାଙ୍କ ମା' ଗଣମାଧ୍ୟମକୁ କହିଛନ୍ତି।

## ସଂଘବଦ୍ଧ ଆକ୍ରମଣରେ ୨ ଗୁରୁତର

**ଆସିକା,୧୬।୪(ଡି.ଏନ୍.ଏ.)**

ଆସିକା ଥାନା ଗୁଣ୍ଡପଡା ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ଏକ ଘଣ୍ଟା ସମୟରେ ଏକ ସଂଘବଦ୍ଧ ଆକ୍ରମଣରେ ସେହି ଗ୍ରାମର ୨ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମହେନ୍ଦ୍ର ଗୌଡ (୩୨) ଓ ଦୀପକ ବାଡତ୍ୟା (୨୫)। ଗୁରୁତର ଆହତ ଦ୍ୱୟଙ୍କୁ ଚିକିତ୍ସା ଲାଗି ଆସିକା ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଆକ୍ରମଣର ପ୍ରକୃତ କାରଣ ଓ ଆକ୍ରମଣକାରୀଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ରାଜନୈତିକ ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ଆଲୋଚନା ହେଉଛି। ପୋଲିସ ଖବର ପାଇ ଆସିକା ଡାକ୍ତରଖାନାକୁ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଘଟଣା ସମ୍ପର୍କରେ ଅଦ୍ୟାବଧି ପୋଲିସରେ କୌଣସି ଅଭିଯୋଗ ହୋଇନଥିବାବେଳେ ଅଭିଯୋଗ ମିଳିଲା ପରେ ହିଁ ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ପୀତବାସ ଧାରୁଆ ପ୍ରକାଶ କରିଛନ୍ତି। ତେବେ ଏହି ଘଟଣା ପରେ ପୋଲିସ ପକ୍ଷରୁ ଗୁଣ୍ଡପଡା ଗ୍ରାମର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଥିବା ଥାନା ଅଧିକାରୀ ଧାରୁଆ ସୂଚନା ଦେଇଛନ୍ତି।

## ରକ୍ତଭଣ୍ଡାର ଖାଲି, ଆବଶ୍ୟକଠାରୁ ସଂଗ୍ରହ କମ୍

**ବ୍ରହ୍ମପୁର ଅଫିସ,୧୬।୪**

ବ୍ରହ୍ମପୁର ବଡ଼ମେଡ଼ିକାଲ୍ ପରିସରରେ ଥିବା ରକ୍ତଭଣ୍ଡାରରେ ରକ୍ତ ଖାଲି ହେବାରେ ଲାଗିଛି । ଏପରିକି ଅତ୍ୟାବଶ୍ୟକ ସ୍ଥଳେ ମଧ୍ୟ ରୋଗୀଙ୍କୁ ଦେବା ପାଇଁ ରକ୍ତ ନାହିଁ । ପ୍ରତି ବର୍ଷ ଗ୍ରୀଷ୍ମରେ ଏଭଳି ରକ୍ତ ସଂକଟ ଦେଖାଦେଇଥାଏ । ସଂଗ୍ରହ ଠାରୁ ଆବଶ୍ୟକତା ପରିମାଣ ଅଧିକ ରହୁଥିବା ଯୋଗୁ ଏବେ ରକ୍ତ ଭଣ୍ଡାରରେ ଉତ୍କଟ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପଟେ ଏହାର ମୁକାବିଲା ପାଇଁ ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ଅଣ୍ଟା ଭିଡୁଛନ୍ତି। ରକ୍ତଦାନ ଶିବିର ଆୟୋଜନ କରୁଥିବା ସଂଗଠନଗୁଡ଼ିକ ସହ ନିୟମିତ ଯୋଗାଯୋଗରେ ରହୁଛନ୍ତି। ଅଧିକ ସଂଖ୍ୟକ ଶିବିର ଆୟୋଜନ ପାଇଁ ପରାମର୍ଶ ଦେଉଛନ୍ତି ।

ବର୍ଷର ଅନ୍ୟମାସ ତୁଳନାରେ ଗ୍ରୀଷ୍ମ ଦିନରେ ରକ୍ତ ସଂଗ୍ରହ ବହୁ ପରିମାଣରେ କମିଯାଇଥାଏ । କାରଣ ଗ୍ରୀଷ୍ମରେ ରକ୍ତଦାନ ଶିବିର କମ ଆୟୋଜନ ହୋଇଥାଏ। ଖରାଦିନେ ରକ୍ତ ଦେଲେ ଦୁର୍ବଳ ଲାଗିବା, ମୁଣ୍ଡ ବୁଲାଇବା ଏବଂ ଅନ୍ୟାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ବୋଲି ସାଧାରଣରେ ଏକ ଭୟ ରହିଛି। ରକ୍ତ ଭଣ୍ଡାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍‌ରୁ ମାର୍ଚ୍ଚ ପର୍ଯ୍ୟନ୍ତ ମାସକୁ ପ୍ରାୟ ୩ହଜାର ୟୁନିଟ୍ ରକ୍ତ ସଂଗ୍ରହ ହୋଇଥାଏ । ଏଥିରେ ଉଭୟ ଶିବିରରୁ ସଂଗ୍ରହ ହେଉଥିବା ଏବଂ ଇନ୍‌ଡୋର୍‌ରେ ସଂଗ୍ରହ ହେଉଥିବା ୟୁନିଟ୍ ସଂପୃକ୍ତ ରହିଛି। ଅନ୍ୟପଟେ ପ୍ରତି ମାସରେ ସମାନ ସଂଖ୍ୟକ ୟୁନିଟ୍ ରକ୍ତ ରୋଗୀଙ୍କୁ ଦେବା ପାଇଁ ପ୍ରଦାନ କରାଯାଇଥାଏ । କିନ୍ତୁ ଖରାଦିନେ ମାସକୁ ପ୍ରାୟ ୧୫ଶହ ୟୁନିଟ୍ ସଂଗ୍ରହ ହେବା ମଧ୍ୟ କଷ୍ଟ ହୋଇଯାଏ । ଗତ ଫେବୃୟାରୀରେ ୨୫ଟି ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ଯେଉଁଥିରୁ ପାଖାପାଖି ୩ହଜାର ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ହେଲେ ମାର୍ଚ୍ଚରେ ୧୪ଟି ଶିବିର ଆୟୋଜନ ହୋଇଥିବା ବେଳେ ୭୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏପ୍ରିଲ୍‌ରେ ଏହି ସଂଖ୍ୟା ଆହୁରି କମିବ ବୋଲି ଆଶଙ୍କା କରାଯାଉଛି । ବର୍ତ୍ତମାନ ସୁଦ୍ଧା ବଡ଼ ଧରଣର ଶିବିର ଆୟୋଜନ ହୋଇନାହିଁ। ଯାହା ରକ୍ତ ସଂକଟକୁ ଗୁରୁତର କରୁଛି। କେବଳ ସିକିଲ୍‌ସେଲ୍(ରକ୍ତ ଶିକୁଳି) ଏବଂ ଥାଲାସେମିଆ ରୋଗୀଙ୍କୁ ମାସକୁ ପ୍ରାୟ ୬ଶହ ୟୁନିଟ୍‌ର ଆବଶ୍ୟକତା ପଡ଼ିଥାଏ। କାରଣ ଗଞ୍ଜାମ ଜିଲାରେ ଏହି ରୋଗୀଙ୍କ ସଂଖ୍ୟା ଅଧିକ । ଏଣୁ ଗ୍ରୀଷ୍ମ ଦିନରେ ଏହି ରୋଗୀଙ୍କ ପାଇଁ ରକ୍ତ ସଂଗ୍ରହ କରିବା କଷ୍ଟ ହୋଇପଡ଼େ । ସଂଗ୍ରହ କମ୍ ହେଉଥିବାର ପ୍ରଭାବ ଷ୍ଟକ୍ ଉପରେ ପଡୁଥିବା ଦେଖିବାକୁ ମିଳୁଛି । ଗତ କିଛି ଦିନ ହେଲା ଷ୍ଟକ୍ ଶୂନ୍ ଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। କୌଣସି ଗୋଟିଏ ହେଲେ ଗ୍ରୁପ୍‌ର ରକ୍ତ ବର୍ତ୍ତମାନ ଭଣ୍ଡାରରେ ନାହିଁ ।

ଅପରପକ୍ଷେ ରକ୍ତ ଭଣ୍ଡାରର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ବର୍ତ୍ତମାନ ଭଣ୍ଡାରରେ ରକ୍ତ ୟୁନିଟ୍ କମ୍ ରହିଛି । ତଥାପି କିଛି ପ୍ରଭାବଶାଳୀ ବ୍ୟକ୍ତି ପ୍ରଭାବ ପକାଇ ମାଗଣାରେ ରକ୍ତ ନେଉଛନ୍ତି। ବଦଳରେ ରକ୍ତ ଦେଉନାହାନ୍ତି। ଫଳରେ ସମସ୍ୟା ଉତ୍କଟ ହେବାରେ ଲାଗିଛି ।

ରକ୍ତ ଭଣ୍ଡାର ଡା. ରଶ୍ମିତା ପାଣିଗ୍ରାହୀଙ୍କ କହିବାନୁଯାୟୀ, ଗ୍ରୀଷ୍ମ ଦିନରେ ଶିବିର କମ୍ ଆୟୋଜନ ହେଉଥିବା ଯୋଗୁ କମ୍ ୟୁନିଟ୍ ରହିଛି। ଅତ୍ୟାବଶ୍ୟକୀୟ ସ୍ଥଳରେ ମଧ୍ୟ ରକ୍ତ ଦେବା କଷ୍ଟ ହୋଇପଡୁଛି। ପ୍ରସବକାଳୀନ ଅସ୍ତ୍ରୋପଚାର ହେଉ ଅବା ଦୁର୍ଘଟଣା, ରୋଗୀଙ୍କୁ ରକ୍ତ ଦେବା ପାଇଁ ଯୋଗାଡ଼ କରିବାକୁ ପଡୁଛି । ଲୋକମାନେ ରକ୍ତ ପ୍ରତିବଦଳ କଲେ ସମସ୍ୟାରେ ସାମାନ୍ୟ ସୁଧାର ହୋଇପାରିବ । ରକ୍ତ ଭଣ୍ଡାର ତରଫରୁ ଏଦିଗରେ ପଦକ୍ଷେପ ନିଆଯାଉଛି। ଯେଉଁ ସଂଗଠନଗୁଡ଼ିକ ଶିବିର ଆୟୋଜନ କରନ୍ତି, ସେମାନଙ୍କ ସହ ବରାବର ଯୋଗାଯୋଗ କରାଯାଉଛି। ଗ୍ରୀଷ୍ମରେ ରକ୍ତ ସମସ୍ୟାର ମୁକାବିଲା ପାଇଁ ଅଧିକ ସଂଖ୍ୟକ କ୍ୟାମ୍ପ ପାଇଁ ପଦକ୍ଷେପ ନିଆଯାଉଛି । ଜିଲାରେ ୨ଶହରୁ ଅଧିକ ସଂଗଠନ ଏଦିଗରେ କାର୍ଯ୍ୟ କରୁଛନ୍ତି। ଖୁବ୍ ଶୀଘ୍ର ଏହି ସମସ୍ୟା ଦୂର ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

**■ଗ୍ରୀଷ୍ମରେ ରକ୍ତ ଅଭାବ**

**■ଶିବିର ଆୟୋଜନ ପାଇଁ ଆହ୍ୱାନ**



ସୂଚନା ଫଳକରେ ରକ୍ତ ୟୁନିଟ୍ ଶୂନ ବୋଲି ଦର୍ଶାଯାଇଛି।


ରକ୍ତ ନେବାକୁ ରୋଗୀଙ୍କ ସମ୍ପର୍କୀୟମାନେ ଅପେକ୍ଷା କରିଛନ୍ତି ।

୧୮ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ୧୯୪୬ ବୁଥ୍‌କୁ ଗଲେ ପୋଲିଂ ଦଳ


ପୋଲିଂ ଦଳ ଇଭିଏମ୍ ନେଇ ଯାଉଛନ୍ତି।

ଛତ୍ରପୁର,୧୬।୪(ଡି.ଏନ.ଏ)

■ସମ୍ବେଦନଶୀଳ ବୁଥ୍ ପ୍ରତି ସ୍ୱତନ୍ତ୍ର ନଜର
■ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲି ବାଲଟ୍ ପେପର

ଗଞ୍ଜାମ ଜିଲାରେ ୧୮ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୧୯୪୬ ବୁଥ୍‌ରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପୋଲିଂ ଦଳ ପହଞ୍ଚିଛନ୍ତି। ଜିଲାର ଆସିକା ଲୋକ ସଭା ଆସନ ଓ ଏହାର ଅଧୀନ ଆସିକା, ସୋରଡା, କବିସୂର୍ଯ୍ୟନଗର, ସାନଖେମୁଣ୍ଡି, ପୋଲସରା, ଖଲ୍ଲିକୋଟ ଓ ହିଞ୍ଜିଳି ବିଧାନସଭା ଆସନ ପାଇଁ ଏହି ପର୍ଯ୍ୟାୟରେ ମତଦାନ ହେବ। ଭଞ୍ଜନଗର ବିଧାନସଭା କ୍ଷେତ୍ର କନ୍ଧମାଳ ସଂସଦୀୟ କ୍ଷେତ୍ର ଅଧୀନରେ ଅଛି। ସେଠାରେ ମଧ୍ୟ ୧୮ରେ ନିର୍ବାଚନ ହେବ।

ନିର୍ବାଚନ ପରିଚାଳନା ପାଇଁ ଗଠିତ ୧୯୪୬ ପୋଲିଂ ଦଳରେ ୧୯୪୬ ପ୍ରିଜାଇଡିଂ ଅଫିସର ଓ ୯୭୩୦ ପୋଲିଂ ଅଧିକାରୀ ରହିଛନ୍ତି। ଭଞ୍ଜନଗରର ୨୫୯ ବୁଥ୍, ପୋଲସରାର ୨୬୩ ବୁଥ୍, କବିସୂର୍ଯ୍ୟନଗରର ୨୪୫ ବୁଥ୍, ଖଲ୍ଲିକୋଟର ୨୩୯ ବୁଥ୍, ଆସିକାର ୨୦୯ ବୁଥ୍, ସୋରଡାର ୨୫୪ ବୁଥ୍, ସାନଖେମୁଣ୍ଡିର ୨୫୩ ବୁଥ୍ ଓ ୨୨୪ ବୁଥ୍‌ରେ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ ବୋଲି ମଙ୍ଗଳବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ ଅଫିସର ଓ ଅନ୍ୟମାନଙ୍କ ପାଇଁ ପୋଷ୍ଟାଲ ବାଲଟ୍‌ର ବ୍ୟବସ୍ଥା ହୋଇଛି। ଭଞ୍ଜନଗର ପାଇଁ ୨୬୫, ପୋଲସରା ପାଇଁ ୩୮୩, କବିସୂର୍ଯ୍ୟନଗର ପାଇଁ ୨୭୬, ଖଲ୍ଲିକୋଟ ପାଇଁ ୩୨୮, ଆସିକା ପାଇଁ ୨୯୬, ସୋରଡା ପାଇଁ ୨୨୫, ସାନଖେମୁଣ୍ଡି ପାଇଁ ୧୮୦ ଓ ହିଞ୍ଜିଳି ପାଇଁ ୨୯୧ ପୋଷ୍ଟାଲ ବାଲଟ୍ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ପୋଲିଂ ଦଳଗୁଡିକୁ ବୁଥ୍‌କୁ ପଠାଇବା ବ୍ୟବସ୍ଥା ହୋଇଛି। ଭଞ୍ଜନଗର ପାଇଁ ୩୦୧, କବିସୂର୍ଯ୍ୟନଗର ପାଇଁ ୨୪୦, ଖଲ୍ଲିକୋଟ ପାଇଁ ୨୮୭, ଆସିକା ପାଇଁ ୨୭୯, ସୋରଡା ପାଇଁ ୨୮୨, ସାନଖେମୁଣ୍ଡି ପାଇଁ ୩୧୯ ଓ ହିଞ୍ଜିଳି ପାଇଁ ୨୬୧ ଗାଡିରେ ପୋଲିଂ ଦଳକୁ ପଠାଯାଇଛି। ଦିବ୍ୟାଙ୍ଗ ଭୋଟରଙ୍କୁ ବୁଥ୍‌କୁ ନେବା ଆଣିବା ପାଇଁ ଗାଡି ବ୍ୟବସ୍ଥା ସହ ବୁଥ୍‌ରେ ସମସ୍ତ ସୁବିଧା କରାଯାଇଛି। ଦୃଷ୍ଟିବାଧିତ ମାନେ ଭୋଟ ଦେବାରେ ସୁବିଧା ପାଇଁ ବ୍ରେଲିଂ ବାଲଟ୍ ପେପର ବୁଥଗୁଡିକରେ ରହିବ। ଦିବ୍ୟାଙ୍ଗମାନଙ୍କୁ ବୁଥ୍‌କୁ ନେବାରେ ସହାୟତା ପାଇଁ ୩୮୯୨ ସ୍ୱେଚ୍ଛାକର୍ମୀ ନିୟୋଜିତ କରାଯାଇଛି। ଭଞ୍ଜନଗର ଅଧିନ ବୁଥ୍‌ଗୁଡିକ ପାଇଁ ୧୪୦ ବ୍ରେଲି ବାଲଟ୍ ପେପର ପୋଲିଂ ଦଳକୁ ଦିଆଯାଇଥିବା ବେଳେ ପୋଲସରା ପାଇଁ ୧୨୩, କବିସୂର୍ଯ୍ୟନଗର ପାଇଁ ୧୭୦, ଖଲ୍ଲିକୋଟ ପାଇଁ ୧୬୦, ଆସିକା ପାଇଁ ୧୪୦, ସୋରଡା ପାଇଁ ୯୦, ସାନଖେମୁଣ୍ଡି ପାଇଁ ୮୦ ଓ ହିଞ୍ଜିଳି ପାଇଁ ୧୫୦ ବ୍ରେଲି ବାଲଟ୍ ପେପର ଦିଆଯାଇଛି। ସେହିପରି ସମ୍ବେଦନଶୀଳ ବୁଥ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୨୧୩ ବୁଥ୍‌ରେ ୱେବ୍ କାଷ୍ଟିଂ, ୮୮ ବୁଥ୍ ପାଇଁ ମାଇକ୍ରୋ ଅବର୍ଜଭର, ୨୧ ବୁଥ୍‌ରେ ସିସି କ୍ୟାମେରା, ୭୨ ବୁଥ୍‌ରେ ଭିଡିଓ ରେକର୍ଡିଂ, ୮୪ ବୁଥ୍‌ରେ ଷ୍ଟିଲ୍ ଫଟୋଗ୍ରାଫି କରାଯିବ।

# ରାଇକିଆ ବ୍ଲକ: ମତଦାନ କରିବେ ୪୨,୧୬୨ ଭୋଟର

ରାଇକିଆ,୧୬।୪(ଡି.ଏନ.ଏ)

ଆସନ୍ତା ୧୮ରେ କନ୍ଧମାଳ ଲୋକ ସଭା ଓ ବିଧାନସଭା ପାଇଁ ହେବ ମତଦାନ। ଏଥିପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ଚଳିତ ନିର୍ବାଚନ ପାଇଁ ରାଇକିଆ ବ୍ଲକରେ ୫୫ ବୁଥ୍‌ରେ ହେବ ମତଦାନ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବ୍ଲକରେ ସମୁଦାୟ ୪୨ ହଜାର ୧୬୨ ଜଣ ଭୋଟରଙ୍କ ମଧ୍ୟରୁ ୨୧ ହଜାର ୪୬୪ ମହିଳା ଭୋଟର ଏବଂ ୨୦ ହଜାର ୬୯୭ଜଣ ପୁରୁଷ ଭୋଟର ରହିଛନ୍ତି। ୫୫ ବୁଥ୍‌ରୁ ବାକିଙ୍ଗିଆ, ବୁନ୍ଦ୍ରିଙ୍ଗିଆ, ପେଟାପାଙ୍ଗା, ଗମାଣ୍ଡି, ଗୁନ୍ଧାଣି ଆଶ୍ରମ, ଗାନ୍ଧାରୀଭୂଇଁ, ବୁରାପଙ୍କା, ରଣବା, ବାଦଗଡ଼ ଆଶ୍ରମ, କନାଡ଼ି, ପାଡୁନବାଡି, ଡିଡ୍ରବାଡ଼ିରେ ଥିବା ବୁଥ୍ ଅତ୍ୟଧିକ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ମଣ୍ଡାକିଆ, ଟଟମାହା, ଗଟାମାହା, ଆଡ଼ାସିକୁପା, ଚୁନପଲ୍ଲୀ, ଦଡ଼ିଙ୍ଗିଆ, ସେବାଶ୍ରମ, ମ୍ଲାହୁପାଙ୍ଗା, ପାଜିମାହା, ରାଇକିଆ ପିୟୁପିଏସ୍, ହାଟପଦା, ବଡ଼ାପଟା, ଜିଡ଼ିଙ୍ଗସାହି, ବେରେଡ଼ାକିଆ ସେବାଶ୍ରମକୁ ସାମାନ୍ୟ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ବଡ଼ବାରବା, କରଡ଼ା, ରଣବା ଏବଂ ବାଦଗଡ଼ ବୁଥ୍ ପ୍ରଭାବିତ ହେବାର ଆଶଙ୍କା ଥିବା ବୁଥ ଭାବେ ଚିହ୍ନଟ କରାଯାଇଛି। ପ୍ରଥମ ଥର ପାଇଁ ସମସ୍ତ ବୁଥ୍‌ରେ ବିଦ୍ୟୁତ୍ ସଂଯୋଗ ସହ ସମସ୍ତ ପ୍ରକାର ମୌଳିକ ଆବଶ୍ୟକତା ପୂରଣ ପାଇଁ ପଦକ୍ଷେପ ନିଆଯାଇଛି। ଚୁନପଲ୍ଲୀ ଓ ବେରେଡ଼ାକିଆ ଆଶ୍ରମ ସ୍କୁଲକୁ ମଡ଼େଲ ବୁଥ ଭାବେ ନିଆଯାଇଛି। ସେଠାରେ ଭୋଟରଙ୍କୁ ଆକୃଷ୍ଟ କଲା ଭଳି ସମସ୍ତ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସକାଳ ସାଢ଼େ ୫ଟାରୁ ମକ୍ ପୋଲିଂ କରାଯିବ ଏବଂ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ନିରୀକ୍ଷଣ ପାଇଁ ୬ ମୋବାଇଲ ପାର୍ଟି ଗଠନ କରାଯାଇଛି। ଗୋଟିଏ ପାର୍ଟି ୭ରୁ ୮ଟି ବୁଥ୍‌ର ସୁରକ୍ଷା ଦାୟିତ୍ୱରେ ରହିବେ। ସମ୍ବେଦନଶୀଳ ଅଞ୍ଚଳରେ ଯବାନ ମାନେ ବାଇକ୍‌ରେ ପାଟ୍ରୋଲିଂ କରିବେ। ସମସ୍ତ ବୁଥ୍‌ରେ ସୁରକ୍ଷା କର୍ମୀ ନିୟୋଜିତ ରହିବେ ବୋଲି ରାଇକିଆ ଥାନାଧିକାରୀ ନରେଶ ସାହୁ କହିଛନ୍ତି।

# ସାନଖେମୁଣ୍ଡିରେ ଲତିକାଙ୍କ ପ୍ରଚାର

ଦିଗପହଣ୍ଡି,୧୬।୪ (ଡି.ଏନ.ଏ.)

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥିନୀ ଲତିକା ପ୍ରଧାନ ସାନଖେମୁଣ୍ଡି ବିଧାନସଭା ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କ ପାଇଁ ପ୍ରଚାର କରିବା ଘଟଣା ଆଲୋଚ୍ୟର ପ୍ରସଙ୍ଗ ପାଲଟିଛି। ଉଭୟଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ଥିଲେ ମଧ୍ୟ ସମସ୍ତ ଦଳୀୟ ମତଭେଦକୁ ଭୁଲି ଉଭୟ ତାଙ୍କ ଦଳ ପାଇଁ ଗାଁକୁ ଗାଁ ବୁଲି ପ୍ରଚାର କରିଥିଲେ। ଲତିକା ନିଜ ନିର୍ବାଚନ ମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଛାଡ଼ି ସାନଖେମୁଣ୍ଡିରେ ବିଜେଡି ଏମ୍‌ପି ଓ ବିଧାୟିକା ପ୍ରାର୍ଥିନୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ବିଜେଡି ବିଧାୟିକା ପ୍ରାର୍ଥିନୀଙ୍କ ସହ କଉଡ଼ିଆ, କଙ୍କୋରଡ଼ା, ଦୟାନିଧିପୁର, ଡେଙ୍ଗାଡ଼ି ପଞ୍ଚାୟତ ଅଧୀନ ଗ୍ରାମଗୁଡ଼ିକୁ ଗସ୍ତ କରି ପଥପ୍ରାନ୍ତ ସଭା କରି ପ୍ରାର୍ଥିନୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି

## କଂଗ୍ରେସ ପ୍ରାର୍ଥୀ ରମେଶଙ୍କ ପାଇଁ ତାରାଙ୍କ ମାରାଥନ୍ ପ୍ରଚାର

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନାଙ୍କ ପାଇଁ ପ୍ରଚାରର ଅନ୍ତିମ ଦିବସରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧରାକୋଟ ଓ ସାନଖେମୁଣ୍ଡି ବ୍ଲକରେ ମାରାଥନ ପ୍ରଚାର କରିଥିଲେ। ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଓ କଂଗ୍ରେସ ସମର୍ଥିତ ସିପିଆଇ-ସିପିଆଇଏମର ଆସିକା ଏମ୍‌ପି ପ୍ରାର୍ଥୀ ରାମକୃଷ୍ଣ ପଣ୍ଡାଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ ।

# ବୁଗୁଡ଼ାରେ ବିଜେଡିର ମହିଳା ସମାବେଶ



ମହିଳା ସମାବେଶରେ ଉପସ୍ଥିତ ବିଜେଡି ପ୍ରାର୍ଥୀନୀ ଓ ଅନ୍ୟମାନେ।

ବୁଗୁଡ଼ା,୧୬।୪(ଡି.ଏନ.ଏ.)

ବୁଗୁଡ଼ାରେ ବିଜେଡି ପକ୍ଷରୁ ମଙ୍ଗଳବାର ମହିଳା ସମାବେଶ ସ୍ଥାନୀୟ ବଡ଼ଦାଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ ସଭାପତିତ୍ୱ କରିଥିଲେ। ଆଗାମୀ ୧୮ ତାରିଖ ନିର୍ବାଚନ ପରିପ୍ରେକ୍ଷୀରେ ଏହି ସମାବେଶରେ ଆସିକା ଲୋକ ସଭା ବିଜେଡି ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଯୋଗଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ଉପସଭାନେତ୍ରୀ ସଙ୍ଗୀତା ମହଲ, ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରିୟା ଓ ନନ୍ଦିନୀ, ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ, ସୁରଥ ପ୍ରଧାନ, ନଗର ମହିଳା ସଭାନେତ୍ରୀ ମନ୍ଦାକିନୀ ସାହୁ ପ୍ରମୁଖ ଯୋଗଦେଇ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଉପସ୍ଥିତ ମହିଳାମାନଙ୍କୁ ଅନୁରୋଧ କରିଥିଲେ। ଏହିଅବସରରେ ବିଜେଡିପକ୍ଷରୁ ବୁଗୁଡ଼ା ଏନ୍‌ଏସିର ପ୍ରତ୍ୟେକ ୱାର୍ଡ ପରିକ୍ରମା କରାଯାଇ ଭୋଟ ଭିକ୍ଷା କରାଯାଇଥିଲା।

# ପୀତାମ୍ବରଙ୍କ ମାରାଥନ ପ୍ରଚାର

**ହିଞ୍ଜିଳିକାଟୁ,୧୬।୪(ଡି.ଏନ୍.ଏ.):** ୨ୟ ପର୍ଯ୍ୟାୟ ନିର୍ବାଚନର ପ୍ରଚାର ମଙ୍ଗଳବାର ଶେଷ ହୋଇଛି। ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ସବୁଥର ପରି ଚଳିତଥର ମଧ୍ୟ ରାଜ୍ୟ ରାଜନୀତିର ଚର୍ଚ୍ଚାରେ ରହିଛି। ଏଠାରୁ ମୁଖ୍ୟମନ୍ତ୍ର ନବୀନ ପଟ୍ଟନାୟକଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ଭାଜପାର ରାଜ୍ୟ ଉପ ସଭାପତି ତଥା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ। ୨ ଦିନ ହେଲା ପୀତାମ୍ବର ତାଙ୍କର ପ୍ରଚାର ଜୋରଦାର କରିଛନ୍ତି। ମଙ୍ଗଳବାର ହିଞ୍ଜିଳିକାଟୁ ଅଞ୍ଚଳର କିନ୍ନରମାନଙ୍କୁ ଭେଟି ନିଜ ସପକ୍ଷରେ ଭୋଟ ମାଗିଛନ୍ତି। କିନ୍ନରମାନଙ୍କ ନେତୃତ୍ୱ ନେଉଥିବା ଭାଜପା ନେତ୍ରୀ ମାନିନୀଙ୍କ ନିର୍ଦ୍ଦେଶରେ ଅଞ୍ଚଳର କାଜଲ, ମାୟା ଓ ଅନ୍ୟ କିନ୍ନରମାନଙ୍କୁ ପୀତାମ୍ବର ଭେଟି ଆଲୋଚନା କରିଥିଲେ।

# ଗାଡ଼ି ଚାଳକଙ୍କ ରାସ୍ତା ଅବରୋଧ

**ଭଞ୍ଜନଗର,୧୬।୪(ଡି.ଏନ.ଏ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ନିର୍ବାଚନ ପାଇଁ ନିୟୋଜିତ ହୋଇଥିବା ଗାଡ଼ି ଗୁଡ଼ିକ ସୋମବାର ରାତିରେ କଲେଜ ପଡ଼ିଆରେ ଥିଲା। ରାତି ପ୍ରାୟ ୧୦ଟାରେ ଏକ ବୋଲେର ଗାଡ଼ିର ଚାଳକ ଗାଡ଼ି ଷ୍ଟାର୍ଟ କରି ଏସି ଭିତରେ ଲଗାଇ ବସିଥିଲେ। ଗରମ ଯୋଗୁ ଗାଡ଼ି ଉପରେ ଅନ୍ୟ ଏକ ଗାଡ଼ିର ଚାଳକ ବସି ଖାଉଥିଲେ। ଏହି ସମୟରେ ହଠାତ୍ ବୋଲେର ଗାଡ଼ିଟି ଆଗକୁ ଯାଇ ଏକ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ଗାଡ଼ି ଉପରେ ବସି ଖାଉଥିବା ଚାଳକ ଜଣଙ୍କ ଆହତ ହୋଇଥିଲେ। ଏହାପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛି ସମୟ ପରେ ନିର୍ବାଚନକୁ ଆସିଥିବା ଗାଡ଼ି ଚାଳକଙ୍କୁ ସାଧାରଣ ସୁବିଧା ଯୋଗାଇ ଦିଆଯାଇ ନ ଥିବା ଦର୍ଶାଇ କଲେଜ ସମ୍ମୁଖରେ ଚାଳକମାନେ ରାସ୍ତା ଅବରୋଧ କରିଥିଲେ। ପୋଲିସ ଓ ତହସିଲଦାର ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରାୟ ୧ଘଣ୍ଟାଧରି ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତା ବନ୍ଦ ଥିଲା। ଫଳରେ ଲୋକେ ବହୁ ହଇରାଣ ହୋଇଥିଲେ।

# ପୁରୁଷୋତ୍ତମପୁରରେ ବିଜେଡିର ଯୁବ, ଛାତ୍ର ସମାବେଶ

ପୁରୁଷୋତ୍ତମପୁର,୧୬।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ମଙ୍ଗଳବାର ବିଜେଡି ପକ୍ଷରୁ ଯୁବ ଓ ଛାତ୍ର ସମାବେଶ ସୀତାରାମ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁରର ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷ ତଥା ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାଷ ବେହେରା, ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା, ଦୈତାରୀ ବେହେରା, ପୂର୍ବତନ ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷ ଦ୍ୟୁମ୍ନନାଥ ପଣ୍ଡା, ବାଉରି ପଣ୍ଡା, ବରିଷ୍ଠ ନେତା ଡା. ଗୋପାଳ କୃଷ୍ଣ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଦିଗାମ୍ବର ପାଣିଗ୍ରାହୀ, ଜିଲା ବିଜେଡି ଉପସଭାପତି ଗୌରୀଶଙ୍କର ରାଉଳ, ୱାଇ. ଏସ. ରାଜଗୋପାଳ, ଜିଲା ପରିଷଦ ସଭ୍ୟ ପି. ନାରାୟଣ ରାଓ, ପୂର୍ବତନ କାଉନସିଲ ଅଶୋକ କୁମାର ମହାଙ୍କୁଡ ପ୍ରମୁଖ ଯୋଗଦେଇ ବିଜେଡି ସରକାର ଯୁବ ଓ ଛାତ୍ର ସମାଜ ଲାଗି କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ କେନ୍ଦ୍ରର ଭାଜପା ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଆସନ୍ତା ନିର୍ବାଚନରେ ଆସିକା ଏମ୍.ପି. ପ୍ରାର୍ଥୀ ପ୍ରମିଳା ବିଷୋଇ, ଖଲ୍ଲିକୋଟ ବିଧାନସଭା ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ ଓ କବିସୂର୍ଯ୍ୟନଗର ବିଧାନସଭା ପ୍ରାର୍ଥୀ ଲତିକା ପ୍ରଧାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଅଧିକରୁ ଅଧିକ ବ୍ୟକ୍ତି ଯେପରି ଭୋଟଦେବେ ସେନେଇ ଯୁବ ଓ ଛାତ୍ର ଗୋଷ୍ଠୀ ଗୁରୁତ୍ୱ ଦେବାଲାଗି ଅନୁରୋଧ କରିଥିଲେ। ଏଥିରେ ଶହ ଶହ ସଂଖ୍ୟାରେ ଯୁବକ ଓ ଛାତ୍ର ଯୋଗଦେଇ ଥିଲେ।



ପୁରୁଷୋତ୍ତମପୁରରେ ବିଜେଡିର ଯୁବ ଓ ଛାତ୍ର ସମାବେଶରେ ଉପସ୍ଥିତ ଅତିଥି।

# ରାଇକିଆରେ ଭାଜପାର ବାଇକ୍ ରାଲି


ରୋଡ୍ ଶୋରେ ପ୍ରଚାର କରୁଛନ୍ତି ଭାଜପା ପ୍ରାର୍ଥୀ।

**ରାଇକିଆ,୧୬।୪(ଡି.ଏନ.ଏ):** ପ୍ରଚାର ଶେଷ ଦିନରେ ରାଇକିଆରେ ଭାଜପା ଏକ ବିଶାଳ ବାଇକ୍ ରାଲିରେ ଜି.ଉଦୟଗିରି ବିଧାନସଭା ପ୍ରାର୍ଥୀ ଅର୍ଚ୍ଚନା ପ୍ରଧାନଙ୍କ ପାଇଁ ଦଳୀୟ କର୍ମୀମାନେ ପ୍ରଚାର କରିଥିଲେ। ରାଲି ରାଇକିଆରୁ ବାହାରି ଜି ଉଦୟଗିରି, କଳିଙ୍ଗା, ଟିକାବାଲି, ପାବୁରିଆ ଦେଇ ରାଇକିଆରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରକୃତି ମିଶ୍ର ମଧ୍ୟ ରୋଡ୍ ଶୋରେ ସାମିଲ ହୋଇ ଅର୍ଚ୍ଚନାଙ୍କ ପାଇଁ ପ୍ରଚାର କରିଥିଲେ। ଏଥିରେ ଜିଲା ଭାଜପା ସଭାପତି ଲିଙ୍ଗରାଜ ଦଳ ବେହରା, ଉପସଭାପତି ମାନଗୋବିନ୍ଦ ପ୍ରଧାନଙ୍କ ସମେତ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ।

# ଖଜୁରିପଡ଼ା ବ୍ଲକରେ ୪୯ ବୁଥ୍

ଖଜୁରିପଡ଼ା,୧୬।୪ (ଡି.ଏନ୍.ଏ.)

୧୮ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ନିର୍ବାଚନ କାର୍ଯ୍ୟାଳୟ ଦ୍ୱାରା ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଖଜୁରିପଡ଼ା ବ୍ଲକର ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଡିଓ ଜଗଦିଶ ସଡ଼ଙ୍ଗୀ ମଧ୍ୟ ନିଜ ବ୍ଲକର ସମସ୍ତ ବୁଥ୍‌ରେ କଡ଼ାକଡ଼ି ବ୍ୟବସ୍ଥା କରିଛନ୍ତି। ବ୍ଲକର ୧୪ ପଞ୍ଚାୟତରେ ୪୯ ବୁଥ୍ ହୋଇଛି। ବ୍ଲକର ମୋଟ ୩୯ ହଜାର ୧୮୩ଜଣ ଭୋଟର ଅଛନ୍ତି। ସେଥିମଧ୍ୟରୁ ୧୯ ହଜାର ୮୮୩ ମହିଳା ଭୋଟର ଥିବା ବେଳେ ୧୯ ହଜାର ୩୪୨ ପୁରୁଷ ଭୋଟର ରହିଛନ୍ତି। ଭୋଟରଙ୍କ ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ କହିଛନ୍ତି। ସେହିପରି ପୋଲିଂ ଅଧିକାରୀ ଓ ଅନ୍ୟକର୍ମଚାରୀ ମଧ୍ୟ ବୁଥ୍‌ରେ ପହଞ୍ଚିଛନ୍ତି। ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟରଙ୍କୁ ନେବା ଆଣିବା ପାଇଁ ଗୋଟିଏ ବୁଥ୍‌ରେ ୨ଜଣ ସ୍ୱେଚ୍ଛାସେବୀଙ୍କୁ ସଜାଗ ରଖାଯିବା ସହ ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଦୃଷ୍ଟିହୀନଙ୍କ ପାଇଁ ମଧ୍ୟ ବ୍ରେଲବାଲଟ ପେପର ବ୍ୟବସ୍ଥା କରାଯାଇଛି।

# ବିଜେଡିର ମହିଳା ସମାବେଶ



ସମାବେଶରେ ଉପସ୍ଥିତ ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀ।

ବେଗୁନିଆପଡା,୧୬।୪(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ନିକଟସ୍ଥ ବାପୁଜୀ ଷ୍ଟାଡିୟମଠାରେ ବିଜେଡିର ମହିଳା ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ରାଜ୍ୟରେ ନବୀନ ସରକାର ମହିଳାମାନଙ୍କ ପାଇଁ ଆର୍ଥିକ ଓ ସାମାଜିକ ବିକାଶ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ସରକାର ଗଠନର ଏକ ମାସ ମଧ୍ୟରେ ମହିଳାମାନଙ୍କର ଭତ୍ତା, ଖାଦ୍ୟ ନିରାପତ୍ତା କାର୍ଡ ଓ କାଳିଆ ଯୋଜନରେ ସମସ୍ତଙ୍କୁ ଅର୍ଥ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଆପଣମାନେ ମୋତେ ପାର୍ଲାମେଣ୍ଟକୁ ପଠାଇଲେ ମୁଁ ତୁମମାନଙ୍କୁ ପାର୍ଲାମେଣ୍ଟ ବୁଲାଇ ଆଣିବି ବୋଲି ଆସିକା ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ କହିଥିଲେ। କବିସୂର୍ଯ୍ୟନଗର ବିଧାନସଭା ପ୍ରାର୍ଥୀ ଲତିକା ପ୍ରଧାନ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଏଭଳି ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। ନବୀନ ବାବୁଙ୍କୁ ପଞ୍ଚମଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏଥିରେ ବ୍ଲକ ସଭାପତି ବିଜୟ କୁମାର ଦୋରା, ସଂଘମିତ୍ରା ଦଳାଇ, ପର୍ଯ୍ୟବେକ୍ଷକ ସତ୍ୟ ନାରାୟଣ ସାହୁଙ୍କ ସମେତ ପ୍ରାୟ ୧୨ ହଜାର ମହିଳା ଯୋଗ ଦେଇଥିଲେ।

# ସରିଲା ପ୍ରଚାର, ଭୋଟକୁ ଅପେକ୍ଷା

ଭଞ୍ଜନଗର,୧୬।୪(ଡି.ଏନ.ଏ)

ଭଞ୍ଜନଗର, ଆସିକା ଓ ସୋରଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରଚାର ଶେଷ ହୋଇଛି। ଏହିସବୁ ନିର୍ବାଚନମଣ୍ଡଳୀରେ ୧୮ ତାରିଖରେ ମତଦାନ ହେବ। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ସୋରଡ଼ା ଓ ଆସିକା ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ମତଦାନ ହେବ। ମଙ୍ଗଳବାର ପୂର୍ବାହ୍ନରେ ଭଞ୍ଜନଗର କଲେଜରୁ ପୋଲିଂ କର୍ମଚାରୀମାନେ ନିର୍ବାଚନ ପାଇଁ ଆବଶ୍ୟକ କାଗଜପତ୍ର, ଭିଭିପିଏଟି ଧରି ବୁଥ୍ ଅଭିମୁଖେ ବାହାରିଛନ୍ତି। ଅପରାହ୍ନ ୫ଟା ସୁଦ୍ଧା ୫୫ ପ୍ରତିଶତ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ଯାଇଥିବା ଜଣାପଡ଼ିଛି। କିନ୍ତୁ ଅପରାହ୍ନ ପ୍ରାୟ ୩ଟାରେ ଭଞ୍ଜନଗର ଅଞ୍ଚଳରେ ଝଡ଼ତୋଫାନ ସହ ପ୍ରବଳ ବର୍ଷା ଯୋଗୁ କେତକ ସ୍ଥାନରେ ଗଛ ଉପୁଡି ପଡି ରାସ୍ତା ବନ୍ଦ ରହିଛି। ତେଣୁ ଆଉ କେତକ ବୁଥର ପୋଲିଂ କର୍ମଚାରୀ ବିଳମ୍ବରେ ପହଞ୍ଚିବେ। ରାସ୍ତା ସଫା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ନିର୍ବାଚନରେ ୩ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀର ୭୨୨ ବୁଥ୍ ପାଇଁ ୪୩୩୨ ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିସହ ସୁରକ୍ଷା ବାବଦକୁ ଅନେକ ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି। ନଂ.୧୨୩ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୨୫୯ ବୁଥ୍ ମଧ୍ୟରୁ ଅଧିକାଂଶ ବୁଥ୍‌ରେ କର୍ମଚାରୀମାନେ ସନ୍ଧ୍ୟା ସୁଧା ପହଞ୍ଚି ସାରିଥିବା ଜଣାପଡ଼ିଛି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୪୦, ଆସିକାରେ ୪୨ ଓ ସୋରଡ଼ାରେ ୩୯ ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଛି। ମଙ୍ଗଳବାର ସନ୍ଧ୍ୟାରୁ ପ୍ରଚାର ବନ୍ଦ ହୋଇଥିଲେ ମଧ୍ୟ କେତେକ ସ୍ଥାନରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳପକ୍ଷରୁ ମାଇକ୍ ଯୋଗେ ପ୍ରଚାର ହେଉଥିବା ଲକ୍ଷ୍ୟ କରାଯାଇଥିଲା। ପର୍ଯ୍ୟବେକ୍ଷକ କିମ୍ବା ପୋଲିସ ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନେଇନଥିଲା। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିବା କୁହାଯାଉଛି, କିନ୍ତୁ ଯାନବାହାନ ଯାଞ୍ଚ କଡାକଡି ହେଉ ନ ଥିବା ଲକ୍ଷ୍ୟ କରାଯାଇଛି। ଏହାର ସୁଯୋଗ ନେଇ ଅନେକ ବେନିୟମ କାର୍ଯ୍ୟ ହେବା ସନ୍ଦେହ କରାଯାଉଛି। ପ୍ରଚାର ବନ୍ଦ ପରେ ସନ୍ଧ୍ୟାରୁ ନେତା ଓ କର୍ମୀମାନେ ଅନ୍ଧାରରେ ଲୋକଙ୍କୁ ଭେଟି ଭୋଟ ଦେବାପାଇଁ ପ୍ରବର୍ତ୍ତାଇବା ଆରମ୍ଭ କରିଦେଇଛନ୍ତି।


ଭଞ୍ଜନଗର କଲେଜରୁ ବୁଥ୍ ଅଭିମୁଖେ ପୋଲିଂ କର୍ମଚାରୀ।

**ବୁଥ୍ ଅଭିମୁଖେ ପୋଲିଂ କର୍ମଚାରୀ**

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୧୭ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ବିଜେଡି ଛାଡ଼ି ପୁଣି ଭାଜପାରେ ମିଶିଲେ ସରପଞ୍ଚ, ସମିତିସଭ୍ୟ



ପୋଲସରା,୧୬।୪(ଡି.ଏନ.ଏ.)-୧୮ ତାରିଖରେ ଅନୁଷ୍ଠିତ ହେବ ସାଧାରଣ ନିର୍ବାଚନ। ତଥାପି ଚାଲିଛି ଦଳଡ଼ିଆଁ ପର୍ବ। ନିମିନା ପଞ୍ଚାୟତର ସରପଞ୍ଚ ହରପ୍ରିୟା ସାହୁ, ସମିତିସଭ୍ୟ ଦେବରାଜ ସେଠୀ ପୁଣି ମଙ୍ଗଳବାର ବେକରେ ପଦ୍ମଫୁଲର ତୋରଣ ବା ଗାମୁଛା ପକାଇ ଭାଜପା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପଞ୍ଚାୟତ ନିର୍ବାଚନ ବେଳେ ସମ୍ପୃକ୍ତ ସରପଞ୍ଚ ଓ ସମିତିସଭ୍ୟ ଭାଜପାର ସମର୍ଥନରେ ବିଜୟୀ ହୋଇଥିଲେ । କିନ୍ତୁ ଭୁବନେଶ୍ୱରଠାରେ ନବୀନ ନିବାସରେ ପହଞ୍ଚି ତତ୍କାଳୀନ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ କିଛି ସହଯୋଗୀ ଓ କର୍ମୀମାନଙ୍କୁ ନେଇ ବିଜେଡିରେ ଯୋଗ ଦେଇଥିଲେ। ମଙ୍ଗଳବାର ଉଭୟେ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ବାରମ୍ବାର ଏହି ଦଳବଦଳକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

### ଶେଷ ଦିନରେ ୩ ଦଳର ଜୋରଦାର ପ୍ରଚାର

ସୋରଡା,୧୬।୪(ଡି.ଏନ୍.ଏ.)- ସୋରଡା ନିର୍ବାଚନ ମଣ୍ଡଳୀରେ ଦିତ୍ୱୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ। ଏନେଇ ମଙ୍ଗଳବାର ସନ୍ଧ୍ୟାରେ ପ୍ରଚାର ସରିଛି। ଶେଷ ଦିନରେ ଭାଜପା ଓ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର ହୋଇଥିଲା। ବିଜେପି ପ୍ରାର୍ଥୀ ନୀଳମଣି ବିଶୋୟୀ ମଙ୍ଗଳବାର ସମର୍ଥକଙ୍କ ସହ ଜଗନ୍ନାଥଙ୍କୁ ଦର୍ଶନ କରି ପ୍ରଚାରରେ ବାହାରିଥିଲେ। ତାଙ୍କ ସହ ଓଡିଆ ସିନେତାରକ ମାନେ ମଧ ପ୍ରଚାରରେ ଯାଇଥିଲେ। ନୀଳମଣି ଙ୍କ ସହ ଭଗବାନ ପଣ୍ଡା ମଧ ସହରବାସୀଙ୍କୁ ଭୋଟ ପାଇଁ ନିବେଦନ କରିଥିଲେ। ଅନ୍ୟପଟେ ବିଜେଡି ତରଫରୁ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣ ଚନ୍ଦ୍ର ସାଇଁ ମଧ ବହୁ ସମର୍ଥକଙ୍କ ସହ ପ୍ରଚାର କରିଥିଲେ। ପ୍ରଚାରସହ ବାଦ୍ୟ ବାଜଣା ଓ ଆତସବାଜି ମଧ ଦେଖିବାକୁ ମିଳିଥିଲା। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ସଂଗ୍ରାମ ମହାନ୍ତି ମଧ ନିଜ ସମର୍ଥକ ଙ୍କ ସହ ସହରରେ ପ୍ରଚାର କରିଥିଲେ।

### ହିଞ୍ଜିଳିକାଟୁରେ ବିଜେଡିର ବାଇକ୍ ରାଲି



ହିଞ୍ଜିଳିକାଟୁ,୧୬।୪(ଡି.ଏନ୍.ଏ.): ହିଞ୍ଜିଳିକାଟୁ ମ୍ୟୁନିସପାଲିଟି ବିଜେଡ଼ି ପକ୍ଷରୁ ଏକ ବାଇକ ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ୟାମଳାଇ ମନ୍ଦିରରୁ ପୂର୍ବାହ୍ନରେ ଏହି ରାଲି ବାହାରି ବଙ୍ଗଚବଣିଆ, କୋର୍ଟ ଛକ, ଲକ୍ଷ୍ମୀ ବଜାର ଦେଇ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲା। ସେଠାରେ ବିଜେଡ଼ି ନେତୃମଣ୍ଡଳୀ ଆସିକା ଏମ୍‌ପି ପାଇଁ ମିଶନ ଶକ୍ତିର ପ୍ରମିଳା ବିଷୋୟୀ ଓ ବିଧାନସଭା ପାଇଁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ନଗର ବିଜେଡ଼ି ସଭାପତି ଭୀମସେନ ବେହେରାଙ୍କ ନେତୃତ୍ୱରେ ଯୁବ ବିଜେଡ଼ି ସଭାପତି ସଞ୍ଜୟ ପଣ୍ଡା, ଜିଲା ସମ୍ପାଦକ ପ୍ୟାରୀ ମୋହନ ପାଢୀ, ଛାତ୍ର ବିଜେଡ଼ି ସଭାପତି ରିଙ୍କୁ ପଣ୍ଡା, ପୂର୍ବତନ ଉପାଧ୍ୟକ୍ଷ ସୁବାସ ପଲେଇ, ପବିତ୍ର ପାଣିଗ୍ରାହି, ସରୋଜ ପଣ୍ଡା, ମାନସ ବେହେରା, ଯୁଧିଷ୍ଠିର ସ୍ୱାଇଁ, ମୁନା ପାଢ଼ି ପ୍ରମୁଖଙ୍କ ସହ ବହୁ ବିଜେଡ଼ି ନେତା କର୍ମୀ ଯୋଗ ଦେଇଥିଲେ।

### ପୀତାମ୍ବର ବିରୋଧରେ ଶେରଗଡ଼ ଥାନାରେ ଏତଲା

ଶେରଗଡ଼,୧୬।୪(ଡି.ଏନ୍.ଏ.)- ଶେରଗଡ଼ ବ୍ଲକ ଧବଳପୁର ପଞ୍ଚାୟତର ସମିତି ସଭ୍ୟ ରବୀନ୍ଦ୍ର ଗୌଡ ସୋମବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ଭାଜପା ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟଙ୍କ ବିରୋଧରେ ଶେରଗଡ଼ ଥାନାରେ ଏତାଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏତଲା ଅନୁଯାୟୀ, ରବୀନ୍ଦ୍ର ରବିବାର ଦିନ ଖୋଳଶଳା ଗ୍ରାମ ଛକରେ ବିଜେଡି ପୋଷ୍ଟର ସଜାଉଥିବାବେଳେ ପୀତାମ୍ବର ଓ ଭାଜପାର କେତେଜଣ ସମର୍ଥକ ତାଙ୍କୁ ଗାଳିଗୁଲଜ କରିବା ସହ ପୋଷ୍ଟର ଚିରିବାକୁ ଧମକ ଦେଇଥିଲେ। ତୁରନ୍ତ ଗିରଫ କରାଯାଉ ବୋଲି ଅଭିଯୋଗ ଉକ୍ତ ଏତାଲା ରେ ଦର୍ଶାଇ ଛନ୍ତି।

# ହିଞ୍ଜିଳିରେ ପରିବର୍ତ୍ତନର ଆଭାସ

■ଶେଷ ଦିନରେ ଜୋର୍‌ଦାର ପ୍ରଚାର
■୧୮ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍

ବ୍ରହ୍ମପୁର ଅଫିସ୍,୧୬।୪

୨୦୧୯ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆସନ୍ତା ୧୮ତାରିଖରେ ଭୋଟ ଗ୍ରହଣ ହେବ। ଏହି ପର୍ଯ୍ୟାୟରେ ରାଜ୍ୟର ୫ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅର୍ନ୍ତଗତ ୩୫ବିଧାନସଭା କ୍ଷେତ୍ର ପାଇଁ ଲୋକେ ଭୋଟ ଦେବେ। ଏହି ଆସନଗୁଡ଼ିକରେ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ଲୋକମାନଙ୍କ ସମର୍ଥନ ସାଉଁଟିବା ପାଇଁ ସବୁ ଦଳର ପ୍ରାର୍ଥୀମାନେ ଶେଷ ଦିନରେ ବିଭିନ୍ନ ଅଞ୍ଚଳରେ ଜୋର୍‌ଦାର ପ୍ରଚାର କରିଛନ୍ତି। ଏପରି କି ଭୋଟରମାନଙ୍କୁ ନେତାମାନେ ପ୍ରତିଶ୍ରୁତିର ଲମ୍ବା ତାଲିକା ରଖିଛନ୍ତି। ୨ୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୫ ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆସିକା ଲୋକ ସଭା ଆସନ ଉପରେ ସମସ୍ତଙ୍କ ବିଶେଷ ନଜର ରହିଛି। କାରଣ ଏହି ଲୋକସଭା ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ହିଞ୍ଜିଳି ବିଧାନସଭା ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ଏହା ସହ ଏହି ଲୋକ ସଭା ଆସନରେ ବିଜେଡି ଜଣେ ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରାର୍ଥୀ କରିଛି। ତେବେ ଚଳିତ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରେ ଲୋକେ ପରିବର୍ତ୍ତନର ନାରା ଦେଲେଣି। ଭୋଟକୁ ନେଇ ଏଠାକାର ଲୋକଙ୍କ ମାନସିକତା କିପରି ରହିଛି ତାହା ଜାଣିବା ପାଇଁ ଧରିତ୍ରୀ ପକ୍ଷରୁ କିଛି ଭୋଟରଙ୍କ ସହ ଆଲୋଚନା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଏବେ ବି ଅନେକ ବିଜେଡିକୁ ସମର୍ଥନ କରୁଥିବାବେଳେ ଆଉ କେତେକ ପରିବର୍ତ୍ତନର ନାରା ଦେଇଛନ୍ତି।

ପ୍ରଚାର ଶେଷ ଦିନରେ ଭାଜପା, ବିଜେଡ଼ି ଓ ସିପିଆଇ ପ୍ରାର୍ଥୀ ବିଭିନ୍ନ ବ୍ଲକରେ ପ୍ରଚାର କରିଛନ୍ତି। ଭାଜପା ପକ୍ଷରୁ ଲୋକ ସଭା ପ୍ରାର୍ଥୀ ହୋଇଥିବା ଅନିତା ଶୁଭଦର୍ଶିନୀ ଶେରଗଡ଼ ବ୍ଲକରୁ ବେଗୁନିଆପଡ଼ା ବ୍ଲକ ପର୍ଯ୍ୟନ୍ତ ନିଜର ନିର୍ବାଚନୀ ପ୍ରଚାର କରିଛନ୍ତି। ସେହିପରି ବିଜେଡି ଲୋକ ସଭା ପ୍ରାର୍ଥୀ ପ୍ରମିଳା ବିଷୋୟୀ ବୁଗୁଡ଼ା ସହରାଞ୍ଚଳରେ ଏକ ବିଶାଳ ମହିଳା ସମାବେଶ କରି ଭୋଟ ଭିକ୍ଷା କରିଛନ୍ତି। ଅନ୍ୟପଟେ ସିପିଆଇ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା ଆସିକା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ପ୍ରଚାର କରି ଲୋକଙ୍କ ସମର୍ଥନ ଲୋଡ଼ିଛନ୍ତି। ହେଲେ ଏଥର ପୂର୍ବଥର ଭଳି ଲୋକମାନଙ୍କ ପାଖରୁ କିଛି ଓଲୋଟା ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଅଧିକାଂଶ ଲୋକ ଯଦିଓ ବିଧାନସଭା ଭୋଟ ବିଜେଡି ସପକ୍ଷରେ ଦେବାକୁ କହିଛନ୍ତି, କିନ୍ତୁ ଲୋକ ସଭାରେ ମୋଦୀ ସରକାରକୁ ଗୁରୁତ୍ୱ ଦେଇଛନ୍ତି। ଏପରିକି ପ୍ରମିଳା ବିଷୋୟୀଙ୍କୁ ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀର ଭୋଟରମାନେ ଏପର୍ଯ୍ୟନ୍ତ ଜାଣି ନ ଥିବା ମତ ରଖିଛନ୍ତି। ସେହିପରି ଯୁବ ଭୋଟରମାନେ ରାଜ୍ୟରେ ସରକାର ପରିବର୍ତ୍ତନ କଥା କହିଛନ୍ତି।

ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ରାଳବ ଗ୍ରାମର ଦେବ ସେଠୀଙ୍କ ମତରେ ଏଥର ନୂଆ ସରକାର ଆସିବା ଦରକାର। ସରକାରୀ ସୁବିଧା ପାଇଛୁ। ହେଲେ ଜଳ ସେଚନ ପାଇଁ ସରକାର ସେମିତି କିଛି ସୁବିଧା କରି ନାହାନ୍ତି। ମୁଖ୍ୟମନ୍ତ୍ରୀ ଭଲ, ହେଲେ ତାଙ୍କର ଯେଉଁ ପ୍ରତିନିଧିମାନେ ଏଠାରେ ଅଛନ୍ତି, ସେମାନେ ଠିକ୍ କାମ କରୁ ନାହାନ୍ତି ବୋଲି ସେ କହିଛନ୍ତି। ଏହି ଗ୍ରାମର ଯୁବ ଭୋଟର ପ୍ରମୋଦ କୁମାର ରାଉତ କହିଛନ୍ତି, ଏଗାଁରେ ବହୁ ସମସ୍ୟା ରହିଛି। ପିଇବା ପାଣି, ସ୍କୁଲର ଭିତ୍ତିଭୂମି ଏବଂ ରାସ୍ତାଘାଟ ସମ୍ପୂର୍ଣ୍ଣ ମରାମତି ହୋଇ ପାରିନି। ଏଠି ବିଜେଡି ପ୍ରତିନିଧିମାନେ ଠିକ୍ କାମ କରୁନାହାନ୍ତି। ତେଣୁ, ଉଭୟ ରାଜ୍ୟ ଓ କେନ୍ଦ୍ରରେ ମୋଦୀ ସରକାର ଆସିବା ଦରକାର ବୋଲି ସେ କହିଛନ୍ତି। ନିର୍ବାଚନ ନେଇ ଆଲୋଚନାବେଳେ କଲେଜରେ ପାଠ ପଢୁଥିବା ଜଣେ ଛାତ୍ରଙ୍କ ମତରେ ସରକାର ବଦଳିବା ଦରକାର। ଯିଏ ଶିକ୍ଷାକୁ ଗୁରୁତ୍ୱ ଦେବ, ତାକୁ ହିଁ ଭୋଟ୍ ଦିଆଯିବ। ମୋଦୀ ସରକାର ଶିକ୍ଷା କ୍ଷେତ୍ରରେ ବହୁତ ଭଲ ପଦକ୍ଷେପ ନେଇଛନ୍ତି। ପୁଲୱାମା ଆକ୍ରମଣର ମଧ କଡ଼ା ଜବାବ ଦେଇଛନ୍ତି। ତେଣୁ ଏଥର ମୋଦୀ ସରକାର ଆସିବା ଦରକାର ବୋଲି ଛାତ୍ର ଜଣକ କହିଛନ୍ତି। ସେହିଭଳି ଶିକିରି ଗ୍ରାମର ପ୍ରଶାନ୍ତ କୁମାର ପ୍ରଧାନ କହିଛନ୍ତି, ଏହି ଗାଁରେ ଯାହା ସବୁ ସମସ୍ୟା ଥିଲା, ତାହା ପ୍ରାୟ ୭୦ପ୍ରତିଶତ ଦୂର ହୋଇଯାଇଛି। ବିଜେଡ଼ି ସରକାର ସବୁ ଭଲ କାମ କରିଛି। ରାଜ୍ୟରେ ଯେଉଁ ସରକାର ଚାଲିଛି, ଠିକ୍ ଚାଲିଛି। ଲୋକ ସଭାରେ ମଧ ଯେଉଁ ସରକାର ଅଛି, ସେ ଆସିବା ଦରକାର। ମୋଦୀଙ୍କ ଡିଜିଟାଲ୍ ଇଣ୍ଡିଆ ଏକ ଭଲ ପଦକ୍ଷେପ ବୋଲି ସେ କହିଛନ୍ତି। ହିଞ୍ଜିଳି ଆସନରୁ ଲଗାତାର ଚାରି ଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୟୀ ହୋଇଛନ୍ତି। ଏହା ମୁଖ୍ୟମନ୍ତ୍ରୀ ଗଡ଼ କହିଲେ ଅତ୍ୟୁକ୍ତି ହେବନି। ତଥାପି ଏଠାରେ ଲୋକମାନେ ଯେଉଁଭଳି ଭାବେ ପରିବର୍ତ୍ତନର ସ୍ୱର ଉଠାଇଛନ୍ତି, ତାହା ଆସନ୍ତା ନିର୍ବାଚନ ଫଳାଫଳକୁ ନେଇ ଏକ ପ୍ରକାର ଭିନ୍ନ ସଙ୍କେତ ଦେଉଛି। ଏହି ପରିବର୍ତ୍ତନ ସ୍ୱର କେତେ ମାତ୍ରାରେ ଭୋଟରେ ରୂପାନ୍ତରିତ ହେଉଛି, ତାହା ଆସନ୍ତା ମେ' ୨୩ରେ ଏକ ପ୍ରକାର ସ୍ପଷ୍ଟ ହୋଇଯିବ।

■ ଆସିକା ଲୋକ ସଭା କ୍ଷେତ୍ରରେ ସରିଲା ପ୍ରଚାର

## ମଇଦାନରେ ବିଭିନ୍ନ ଦଳର ୫୨ ପ୍ରାର୍ଥୀ

■ବିଜେଡିକୁ କଡ଼ା ମୁକାବିଲା କରୁଛି ଭାଜପା

ବ୍ରହ୍ମପୁର ଅଫିସ,୧୬।୪

ଆସନ୍ତା ୧୮ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନର ଆସିକା ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୫୨ ପ୍ରାର୍ଥୀଙ୍କ ଭୋଟ ପ୍ରଚାର ମଙ୍ଗଳବାର ସନ୍ଧ୍ୟାରେ ଶେଷ ହୋଇଛି। ଲୋକ ସଭା ଆସନରେ ଦୁଇ ମହିଳା ବିଜେଡିର ପ୍ରମିଳା ବିଷୋୟୀ, ଭାଜପାରୁ ଅନିତା ଶୁଭଦର୍ଶିନୀ ଓ କଂଗ୍ରେସ ସମର୍ଥନରେ ସିପିଆଇର ରାମକୃଷ୍ଣ ପଣ୍ଡାଙ୍କ ସମେତ ୮ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେହିପରି ବିଭିନ୍ନ ଦଳରୁ ପୋଲସରା ସେଗମେଣ୍ଟରେ ୯, କବିସୂର୍ଯ୍ୟନଗରରେ ୪, ଖଲ୍ଲିକୋଟରେ ୬, ଆସିକାରେ ୬, ସୋରଡ଼ାରେ ୫, ହିଞ୍ଜିଳିରେ ୯ ଓ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୫ ଜଣ ମଇଦାନରେ ଅଛନ୍ତି। ବିଧାନସଭା ଓ ଲୋକସଭା ଆସନରେ ଏଥର ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେଉଛି ।

କଂଗ୍ରେସ ପକ୍ଷରୁ ୭ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ କେବଳ ସାନଖେମୁଣ୍ଡିରେ ପୂର୍ବତନ ବିଧାୟକ ତଥା ପୁରୁଣା ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଅବଶିଷ୍ଟ ୬ ସେଗମେଣ୍ଟରେ କଂଗ୍ରେସର ନୂଆ ପ୍ରାର୍ଥୀମାନେ ମଇଦାନକୁ ଓହ୍ଲାଇଛନ୍ତି । ସାନଖେମୁଣ୍ଡିରେ ବିଜେଡି ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କୁ ଟକ୍କର ଦେଉଛନ୍ତି କଂଗ୍ରେସର ଜେନା। ଭାଜପାର ବିଜୟ ସ୍ୱାଇଁ କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦୀ ହୋଇଛନ୍ତି ।

ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀମାନଙ୍କ ପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର କରିଛନ୍ତି । ମହିଳା କାର୍ଡ ଖେଳୁଥିବା ନବୀନ ଏହି ସଂସଦୀୟ କ୍ଷେତ୍ରରେ ଥିବା ସମୁଦାୟ ୭ ଲକ୍ଷ ୧୪ ହଜାର ୭୦୨ ମହିଳା ଭୋଟ ଉପରେ ନଜର ପକାଇଛନ୍ତି । ଭାଜପା ପ୍ରାର୍ଥୀମାନଙ୍କ ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନୋଜ ସିହ୍ନା ଓ ଅନ୍ୟ ନେତାମାନେ ଜୋରଦାର ପ୍ରଚାର କରିଛନ୍ତି । ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସମ୍ପାଦକ ଅନୀଲ ଚୌଧୁରୀ, ରାଜ୍ୟସଭା ଏମପି ରଞ୍ଜିବ ବିଶ୍ୱାଳ ପ୍ରମୁଖ ଦଳୀୟ ପ୍ରାର୍ଥିଙ୍କ ପାଇଁ ପ୍ରଚାର କରିଥିଲେ । ସିପିଆଇ ଲୋକସଭା ପ୍ରାର୍ଥୀ ରାମକୃଷ୍ଣଙ୍କ ପାଇଁ ବାମପନ୍ଥୀ ନେତାମାନେ ପ୍ରଚାର କରିଛନ୍ତି । ବିଭିନ୍ନ ସ୍ଥାନରେ କଂଗ୍ରେସ ଓ ବାମପନ୍ଥୀଙ୍କ ମିଳିତ ନିର୍ବାଚନୀ ସଭା ହୋଇଥିଲା । ସିପିଆଇ (ଏମଏଲ) ରେଡଷ୍ଟାର ପ୍ରାର୍ଥୀ ଶଙ୍କର ସାହୁଙ୍କ ସମେତ ବିଏସପି, ଫରୱାର୍ଡ ବ୍ଲକ ଆମ୍ବେଦକର ନ୍ୟାଶନାଲ କଂଗ୍ରେସ, ହିନ୍ଦୁସ୍ଥାନ ନ୍ୟାଶନାଲ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀମାନେ ମଧ ପ୍ରଚାରରେ ପଛୁଆ ନ ଥିଲେ ।

## ରୋଡ୍ ଶୋ'ରେ ସାମିଲ ଏମ୍‌ପି ପ୍ରାର୍ଥୀ, ପୂର୍ବତନ ବିଧାୟକ

ବାସୁଦେବପୁର,୧୬।୪(ଡି.ଏନ୍.ଏ.)



ଭାଜପା ନେତୃମଣ୍ଡଳୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା କ୍ଷେତ୍ରରେ ଭାଜପା ମଙ୍ଗଳବାର ତା'ର ଶକ୍ତି ପ୍ରଦର୍ଶନ କରିଛି। ଭାଜପା ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ନିର୍ବାଚନମଣ୍ଡଳୀ ପରିକ୍ରମା କରିଛି। ଏହି ଶୋଭାଯାତ୍ରାରେ ୩ ହଜାରରୁ ଉର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିବା ବେଳେ ଭାଜପା ପ୍ରଥମଥର ପାଇଁ ନିର୍ବାଚନମଣ୍ଡଳୀରେ ତା'ର ଶକ୍ତି ଦେଖାଇଛି। ଏହି ବାଇକ୍ ଶୋଭାଯାତ୍ରାଟି ବେତଡ଼ାରୁ ବାହାରିଥିଲା। ଭଦ୍ରକ ଲୋକ ସଭା କ୍ଷେତ୍ରରୁ ଏମ୍‌ପି ପ୍ରାର୍ଥୀ ହୋଇଥିବା ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ମଧୁସୂଦନ ପାଣିଗ୍ରାହୀ, ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ ପ୍ରମୁଖଙ୍କୁ ବେତଡ଼ାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି ଅଶୋକ ସାହୁ, କବି ଚନ୍ଦ୍ରଶେଖର ଫକୀର ରଞ୍ଜନ ଦାସ, ପୂର୍ବତନ ନଗରପାଳ ପଞ୍ଚାନନ ସେନାପତି, ଧୀରେନ୍ଦ୍ର ପଣ୍ଡୁଆଙ୍କ ସମେତ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭାଜପା ପକ୍ଷରୁ ଏହି ରୋଡ୍ ଶୋ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ ଓ ପୂର୍ବତନ ବିଧାୟକ ମଧୁସୂଦନ ପାଣିଗ୍ରାହୀଙ୍କୁ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ରୋଡ୍ ଶୋ ପୌରାଞ୍ଚଳ ସମେତ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ପରିକ୍ରମାକରି ଭାଜପା ସପକ୍ଷରେ ଜନମତ ସୃଷ୍ଟି କରିଛନ୍ତି।

## ବିଜେଡି, ଭାଜପାର ମାରାଥନ ପ୍ରଚାର

ପୋଲସରା,୧୬।୪(ଡି.ଏନ.ଏ.)

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ୧୮ରେ ଅନୁଷ୍ଠିତ ହେବ। ମଙ୍ଗଳବାର ନିର୍ବାଚନ ପ୍ରଚାରର ଶେଷ ଦିବସରେ ବିଜେଡି ପକ୍ଷରୁ ମାରାଥନ ପ୍ରଚାର ହୋଇଛି। ବିଜେଡିର ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ପୋଲସରା ବ୍ଲକ୍ ଓ ଏନ୍‌ଏସି, ବୁଗୁଡ଼ା ବ୍ଲକ, ଏନ୍‌ଏସିରେ ବୁଲି ପ୍ରଚାର କରିଥିଲେ। ବୁଗୁଡ଼ାରେ ଅନୁଷ୍ଠିତ ମହିଳା ସମାବେଶରେ



ଯୋଗଦେବା ଲାଗି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ବୁଗୁଡ଼ାରେ ପହଞ୍ଚିଛନ୍ତି । ବିଭିନ୍ନ ପ୍ରକାର ସମ୍ବଲପୁରୀ, ଆଧୁନିକ ଗୀତ ମାଧ୍ୟମରେ ଜନସାଧାରଣଙ୍କୁ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଶୁଣାଇଥିଲେ । ସେହିପରି ଭାଜପା ପକ୍ଷରୁ ମଧ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ଯୁବ ଭାଜପା ନେତା ପ୍ରଭାକର ପଣ୍ଡା, ପ୍ରତାପ ନାୟକ, ଜୟନ୍ତୀ ପଢ଼ିହାରୀ, ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଭୂୟାଁ, ଭଗବାନ ସାହୁ ପ୍ରମୁଖ ନିମିନା, ଉସ୍ତାପଡ଼ା, ସାନବରଗାଁ ଆଦି ବୁଲି ପ୍ରଚାର କରି ପୋଲସରା ବିଧାୟକ ଓ ଆସିକା ଏମ୍‌ପି ପ୍ରାର୍ଥିନୀଙ୍କୁ ପଦ୍ମରେ ମତଦାନ କରିବା ପାଇଁ ନିବେଦନ କରିଥିଲେ ।

## ସାନଖେମୁଣ୍ଡିରେ ସୂର୍ଯ୍ୟଙ୍କ ମାରାଥନ ପ୍ରଚାର

ଦିଗପହଣ୍ଡି,୧୬।୪(ଡି.ଏନ.ଏ.)



ସୂର୍ଯ୍ୟଙ୍କ ନିର୍ବାଚନ ପ୍ରଚାର।

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ଦିଗପହଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ପାତ୍ର, ବିଧାୟିକ ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କ ପାଇଁ ପ୍ରଚାର କରିଛନ୍ତି। ପୂର୍ବରୁ ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଟି.ଗୋବିନ୍ଦପୁର, ପୋଡ଼ାମାରି, ସିଙ୍ଗିପୁର, ପଟିଗୁଡ଼ା, ଛଣମେରି ଆଦି ପଞ୍ଚାୟତ ସୂର୍ଯ୍ୟଙ୍କ ଗଡ଼ ଭାବେ ପରିଚିତ ଥିଲା। ସେ ସବୁ ପଞ୍ଚାୟତରେ ଏବେ ବି ସୂର୍ଯ୍ୟଙ୍କ ପ୍ରଭାବ ଥିବାରୁ ବିଜେଡିର ଷ୍ଟାର ପ୍ରଚାରକ ଭାବେ ସେ ଗାଁକୁ ଗାଁ ବୁଲି ଦଳୀୟ ପ୍ରାର୍ଥିନୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପ୍ରଚାରର ଶେଷ ଦିବସରେ ସୂର୍ଯ୍ୟଙ୍କ ସହ ପୋଡ଼ାମାରି ରାଜକୁମାର ବୀର କିଶୋର ଦେବ, ପୂର୍ବତନ ସରପଞ୍ଚ ସୁବାସ ମହାପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ ବିଶୋୟୀ, ସୁନୀଲ ମହାଙ୍କୁଡ଼, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ନାୟକ ଆସିକା ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥିନୀଙ୍କ ସପକ୍ଷରେ ମାରାଥନ ପ୍ରଚାର କରିଥିଲେ। ସେହିପରି ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ମଙ୍ଗୁଲୁ ପାତ୍ର, ଦଳୀୟ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ସିଂହ ପ୍ରମୁଖ ସାହାସପୁର ପଞ୍ଚାୟତ ଅଧୀନ ଗାଁଗୁଡ଼ିକରେ ନିର୍ବାଚନ ପ୍ରଚାର କରିଥିଲେ।

■ଭଞ୍ଜନଗର ଅଞ୍ଚଳରେ ଝଡ଼ବର୍ଷା

## ବିଦ୍ୟୁତ୍ ସେବା ପ୍ରଭାବିତ, ୫୦ରୁ ଉର୍ଦ୍ଧ୍ୱ ବାଇକ୍ କ୍ଷତିଗ୍ରସ୍ତ

ଭଞ୍ଜନଗର,୧୬।୪(ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ପ୍ରବଳ ଝଡବର୍ଷା ହୋଇଛି। କେତେକସ୍ଥାନରେ କୁଆପଥର ପଡିଥିବା ମଧ ଜଣାପଡ଼ିଛି। ଝଡବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ବନ୍ଦ ହୋଇଯାଇଥିଲା। ଗଛ ଡାଳ ପଡି ୫୦ରୁ ଉର୍ଦ୍ଧ୍ୱ ବାଇକ୍ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବିଶେଷକରି ନିର୍ବାଚନ କାର୍ଯ୍ୟରେ ଆସିଥିବା ପୋଲିଂ କର୍ମଚାରୀମାନେ କଲେଜ ଓ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବାଇକ୍ ରଖି ଚାଲିଯାଇଥିଲେ। ବଙ୍ଗଳାରେ ଗଛ ଡାଳ ପଡି ୨୫ରୁ ଉର୍ଦ୍ଧ୍ୱ ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ସେହିଭଳି ଭେଜିପୁଟରେ ଗୁକୁନା ପଟ୍ଟନାୟକଙ୍କ ଘର ନିକଟରେ ଥିବା ୨ ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ଜାମପଲ୍ଲୀଠାରେ ବିଜେଡି ବାଇକ୍ ରାଲି ସରିବା ପରେ ରାସ୍ତା କଡରେ ଥିବା ଶୂଳପାଣି ଶତପଥୀ, ଗୁଟୁ ପ୍ରଧାନ ପ୍ରମୁଖଙ୍କ ବାଇକ୍ ଉପରେ ଗଛ ଡାଳ ପଡି କ୍ଷତିଗ୍ରସ୍ତ ହୋଇଛି। ଏହିଭଳି ଅନେକ ସ୍ଥାନରେ ବାଇକ୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଝଡବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି। ସନ୍ଧ୍ୟାସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରି ନାହିଁ। ସାଉଥ୍‌କୋ କର୍ମଚାରୀ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। କଲେଜରେ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ହୋଇଥିବା ଟେଣ୍ଟ ମଧ ଭାଙ୍ଗିଯାଇଛି।



ବାଇକ୍ ଉପରେ ଭାଙ୍ଗି ପଡିଥିବା ଗଛ।

## ଭାଜପା, ବିଜେଡି ସାଧାରଣ ଲୋକଙ୍କ ବିଶ୍ୱାସ ହରାଇଛି: ସିପିଆଇ

### କଂଗ୍ରେସ-ବାମପନ୍ଥୀ ମେଣ୍ଟ ପକ୍ଷରୁ ପ୍ରଚାର ଶେଷ

ଦିଗପହଣ୍ଡି,୧୬।୪(ଡି.ଏନ.ଏ.)

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାଧାରଣ ଲୋକଙ୍କ ବିଶ୍ୱାସ ହରାଇଛି। ରାଜ୍ୟରେ ବିଜେଡି ସରକାର ସାଧାରଣ ଲୋକଙ୍କୁ ଶୋଷଣ କରିଛି ବୋଲି ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର କହିଛନ୍ତି। ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଗାଁରେ କଂଗ୍ରେସ ଓ ସିପିଆଇଏମ୍ ସମର୍ଥିତ ସିପିଆଇର ଆସିକା ଏମ୍‌ପି ପ୍ରାର୍ଥୀ ରାମକୃଷ୍ଣ ପଣ୍ଡାଙ୍କ ସମେତ ସିପିଆଇ, ସିପିଆଇଏମ୍ ସମର୍ଥିତ କଂଗ୍ରେସର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନାଙ୍କ ପାଇଁ ପାର୍ଟି ପକ୍ଷରୁ ନିର୍ବାଚନ ପ୍ରଚାରର ଶେଷ ଦିବସରେ ପଥପ୍ରାନ୍ତ ସଭା ଓ ଶୋଭାଯାତ୍ରା କରାଯାଇଥିଲା। ଚଳିତ ନିର୍ବାଚନ ଭାଜପା ଓ ବିଜେଡି ପାଇଁ ଏସିଡ ଟେଷ୍ଟ ବୋଲି ସେ ଉଲ୍ଲେଖ କରିଥିଲେ। ଆସିକା ସଂସଦୀୟ କ୍ଷେତ୍ରରେ ବିଜେଡି ଓ ଭାଜପାରେ ତଳଠୁ ଉପରସ୍ତର ପର୍ଯ୍ୟନ୍ତ ସବୁଠି ଗୋଷ୍ଠୀ କନ୍ଦଳ ଲାଗି ରହିଥିବାରୁ କଂଗ୍ରେସ-ବାମପନ୍ଥୀ ମେଣ୍ଟ ପ୍ରାର୍ଥୀଙ୍କ ସ୍ଥିତି ସୁଦୃଢ଼ ରହିଛି। ତୃଣମୂଳ ସ୍ତରରୁ କମ୍ୟୁନିଷ୍ଟ ଓ କଂଗ୍ରେସର ସଂଗଠନ ବେଶ୍ ମଜଭୁତ୍ ଥିବାରୁ ପ୍ରାର୍ଥୀମାନଙ୍କ ସପକ୍ଷରେ ନିର୍ବଚାନ ପ୍ରଚାର ବେଶ ପ୍ରଭାବଶାଳୀ ଥିବା ସେ ଜଣାଇଛନ୍ତି। ସିପିଆଇର ରାଜ୍ୟ ପରିଷଦ ସଦସ୍ୟ ଅଳକ ନାଥ ମିଶ୍ର, ଗୌତମୀ ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁ, କୈଳାସ ପାତ୍ର, ଅନନ୍ତ ମହାଙ୍କୁଡ଼ଙ୍କ ସମେତ ଜିଲାସ୍ତରୀୟ ଦଳୀୟ ନେତୃବୃନ୍ଦ ସୋମବାର ଶତାଧିକ ସମର୍ଥକଙ୍କୁ ନେଇ ସାନଖେମୁଣ୍ଡି ବ୍ଲକ ଅଧିନ ବିଭିନ୍ନ ଗ୍ରାମରେ ପ୍ରଚାର କରିଥିଲେ। ଗୌତମୀ, ଆଡ଼ପଡ଼ା, ଚୁଡୁଙ୍ଗପୁର, ପାଟପୁର, କଉଡ଼ିଆ, କଙ୍କୋରଡ଼ା, ଖଲିଙ୍ଗୀ ଆଦି ଅଞ୍ଚଳକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ସାକ୍ଷାତ କରିବା ସହ ପଥପ୍ରାନ୍ତ ସଭାରେ ଯୋଗଦେଇ କଂଗ୍ରେସ-ବାମପନ୍ଥୀ ମେଣ୍ଟ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ ।

## 'ପୂଜ୍ୟପୂଜା ପରମ୍ପରା ସଂସ୍କୃତିର ପରିଚାୟକ'

ଧାମନଗର,୧୬।୪(ଡି.ଏନ୍.ଏ.)



ବନ୍ଧଟିଆ ପୂଜ୍ୟପୂଜା ସଂସଦ ତରଫରୁ କାହ୍ନୁଚରଣ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଜିଲା ଧାମନଗର ବ୍ଲକ ବନ୍ଧଟିଆ ଆଞ୍ଚଳିକ ପୂଜ୍ୟପୂଜା ସଂସଦର ଦୁଇଦିନିଆ ଅଷ୍ଟମ ବାର୍ଷିକ ସମାରୋହ ଶ୍ରୀଗଣେଶ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସ ସନ୍ଧ୍ୟା କାର୍ଯ୍ୟକ୍ରମରେ ସଂସଦ ସଭାପତି ବିଦ୍ୟାଧର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ନାଟ୍ୟସାଥୀ ସାରଥି ପଣ୍ଡା, ସାହିତ୍ୟିକ ସନ୍ନ୍ୟାସୀ ବ୍ରହ୍ମା, ନାରାୟଣ ମାନ୍ଧାତା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସୋମବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ହେମେନ୍ଦ୍ର ନାଥ ମହାନ୍ତି ସଂଯୋଜନା କରିଥିଲେ। ଶିକ୍ଷାବିତ ରାମଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ପୁରାତନ ପିତୃମାତୃ ସେବା ଏବଂ ଆଜି' ଶୀର୍ଷକରେ ପ୍ରତିଯୋଗିତା ହୋଇଥିଲା । ମହିଳାମାନଙ୍କୁ ନେଇ ଆୟୋଜିତ ପ୍ରଶ୍ନ ପେଢ଼ି କାର୍ଯ୍ୟକ୍ରମ ସରିବା ପରେ ପଣ୍ଡିତ ଅର୍ଜୁନ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡ. କ୍ଷୀରୋଦ କୁମାର ସାମଲ ଏବଂ ଆମେରିକା ନାସାରେ ଅବସ୍ଥାପିତ ବୈଜ୍ଞାନିକ ତଥା ପ୍ରବାସୀ ଭାରତୀୟ ସଂଗଠନର ସଭାପତି ଇଂ ଶ୍ରୀକାନ୍ତ ନାୟକ, କଳାକାର ଡ. ହୃଦାନନ୍ଦ ପାଣିଗ୍ରାହୀ, କରୁଣାକର ବେହୁରିଆ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପୂଜ୍ୟପୂଜା ପରମ୍ପରା ଭାରତୀୟ ତଥା ଓଡ଼ିଆ ସଂସ୍କୃତିର ପରିଚାୟକ ବୋଲି କହିଥିଲେ। ଏହି ଅବସରରେ ୫ମ ବାର୍ଷିକ ମୁଖପତ୍ର 'ପୂଜ୍ୟପୂଜା'ର ଲୋକାର୍ପଣ କରାଯାଇଥିଲା । ଶିଶୁ ସାହିତ୍ୟିକ କାହ୍ନୁ ଚରଣ ପାଣିଗ୍ରାହୀ ଏବଂ କବି ଦୟାନିଧି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରଦର୍ଶିତ ପ୍ରାଚୀନ ପାରମ୍ପରିକ ଘଣ୍ଟପାଟୁଆ ନାଚ ପ୍ରଦର୍ଶନ ମନ ମୋହିଥିଲା । ସଂସଦ ସମ୍ପାଦକ ଅଜୟ କୁମାର ସାମଲ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ହେମେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ ଏବଂ ଉପସଭାପତି ଦାମୋଦର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଭ୍ୟା ମିତା ମଞ୍ଜରୀ ବେହେରା,ସଭ୍ୟ ଧରଣୀଧର ସାହୁ, ବିଦ୍ୟାଧର ରାଉତ, ଭାସ୍କର ସାମଲ, ରମେଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ ।

## ସଂକ୍ଷେପରେ

### ଆଇନଶୃଙ୍ଖଳା ସମୀକ୍ଷା କଲେ ଆଇଜି

**ଭଞ୍ଜନଗର,୧୬।୪(ଡି.ଏନ.ଏ):** ଭଞ୍ଜନଗର ଉପଖଣ୍ଡ ଆସିକା, ସୋରଡ଼ା ଓ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୧୮ରେ ମତଦାନ କରାଯିବ। ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାରେ ହେବ ସେ ନେଇ ଦକ୍ଷିଣାଞ୍ଚଳ ଆଇଜି (ପୋଲିସ) ଯତିନ୍ଦ୍ର କୋଏଲ ସୋମବାର ରାତିରେ ଅଚାନକ ଭଞ୍ଜନଗରରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ସ୍ଥାନୀୟ ବନ ବିଭାଗ ଡାକବଙ୍ଗଳା ପରିସରରେ ହୋଇଥିବା ଏହି ସମୀକ୍ଷା ବେଳେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରୟ, ଏଏସ୍‌ପି, ଏସ୍‌ଡ଼ିପିଓଙ୍କ ସମେତ ବିଭିନ୍ନ ଥାନା ଅଧିକାରୀ ଉପସ୍ଥିତ ଥିଲେ। ଭଞ୍ଜନଗର ନିର୍ବାଚନମଣ୍ଡଳୀ ସହ ସୋରଡ଼ା, ଆସିକା ନିର୍ବାଚନମମଣ୍ଡଳୀର ବିଭିନ୍ନ ଉତ୍ତେଜନା ପ୍ରବଣ ବୁଥ୍ ଗୁଡ଼ିକ ଉପରେ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ।

### ବାଲିଆପାଳରେ କଂଗ୍ରେସର ବାଇକ୍ ରାଲି

**ବାଲିଆପାଳ, ୧୬।୪(ଡି.ଏନ.ଏ.):** ସାଧାରଣ ନିର୍ବାଚନକୁ ଆଉ ଦୁଇ ସପ୍ତାହ ବାକି ଥିବା ବେଳେ ମଙ୍ଗଳବାର ବାଲିଆପାଳ କଂଗ୍ରେସ ପକ୍ଷରୁ ବିଧାୟକ ପ୍ରାର୍ଥୀ ବିଜନ କୁମାର ନାୟକ ଓ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଏକ ବାଇକ ରାଲିରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ରେମୁଛକଠାରୁ ବାହାରିଥିବା ଏହି ରାଲି ନେପୁରା, ଶ୍ରୀରାମପୁର, ଜାମଲା, ନିଖିରା, ଦେଭୋଗ, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଦେଉଳା, ବଳରାମପୁର, ବାଲିକୁଟି, ବଣିଆଡିହା ଆଦି ପଞ୍ଚାୟତରେ ବୁଲି କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ରାସ୍ତାରେ ୨ ପ୍ରାର୍ଥୀ ୨୧ ଓ ୨୩ ନଂ ଜିଲା ପରିଷଦ ଜୋନର ଜନସାଧାରଣଙ୍କୁ ସାକ୍ଷାତ କରି ଭୋଟଭିକ୍ଷା କରିଥିଲେ। ସନ୍ଧ୍ୟାରେ ଚଉମୁଖଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ନେତା ମାନେ ୧୯ ବର୍ଷର ଭ୍ରଷ୍ଟାଚାରୀ ବିଜେଡି ଶାସନର ପରିବର୍ତ୍ତନ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଦେବକୁମାର ଦେ, ନରହରି ଜେନା, ଭବେଶ ଜେନା, ବେଣୁଧର ଜେନା, ବିଦ୍ୟାଧର ଦେ, ଅଶ୍ୱିନୀ ଦାସ, ରବି ମହାନ୍ତି, ନରସିଂହ ବିଶ୍ୱାଳ ଓ ପ୍ରତାପ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ବିଜେଡିର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବାଲିଆପାଳ, ୧୬।୪(ଡି.ଏନ.ଏ.):** ବାଲିଆପାଳ ପଞ୍ଚାୟତରେ ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲାପରିଷଦ ସଦସ୍ୟାଙ୍କ ପ୍ରତିନିଧି ଅଜୟ କୁମାର ପାତ୍ର ଏହାକୁ ଉଦଘାଟନ କରିଥିଲେ। ବାଲିଆପାଳ ବସଷ୍ଟାଣ୍ଡ ନିକଟସ୍ଥ ମୂରଲୀ ଜେନାଙ୍କ ବାଡିରେ ଏହି ଅଫିସ କାର୍ଯ୍ୟାରମ୍ଭ କରିଛି। ଏହି ଅବସରରେ ପଞ୍ଚାୟତର ବିଜେଡି ସଭାପତି ରଘୁନାଥ ଜେନାଙ୍କ ପୌରୋହିତ୍ୟରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦବୋଧନ ଦେଇ ଜିଲା ସମ୍ପାଦକ ଅଜୟ କୁମାର ସାହୁ, ସାହାବୁଦ୍ଦିନ ସାହା, ସେକ ସମିରୁଦ୍ଦିନ, ଜଗବନ୍ଧୁ ଜେନା, ପ୍ରତାପ ପାତ୍ର, ସୌମ୍ୟଦିପ ଚକ୍ରବର୍ତ୍ତୀ,ସାମ୍ବାଦିକ ରାଧାକୃଷ୍ଣ ସାହୁ, ଚକ୍ରଧର ପାଳ, ରାମଚନ୍ଦ୍ର ବାରିକ, ମନୋଜ ଜେନା ପ୍ରମୁଖ ଉପସ୍ଥିତ ବିଜେଡି କର୍ମୀଙ୍କୁ ଆସନ୍ତା ସାଧାରଣ ନିର୍ବାଚନରେ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଇଂ ରବୀନ୍ଦ୍ର ଜେନା ଓ ବସ୍ତା ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ସାହୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ।

### ଡମ୍ପର ଓଲଟି ଡ୍ରାଇଭର, ହେଲ୍‌ପର ଆହତ

**ଯୋଡ଼ା, ୧୬।୪(ଡି.ଏନ୍.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଲାଲଗେଟ ଛକ ନିକଟରେ ଏକ ଡମ୍ପର ଓଲଟି ପଡିବାରୁ ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଛନ୍ତି। ଡମ୍ପର ନଂ ଓଆର୦୯ଏଲ ୭୩୯୦ ବାଂଶପାଣିରୁ ଜୁରୁଡି ଅଭିମୁଖେ ଯାଉଥିବା ବେଳେ ମଙ୍ଗଳବାର ଅପରାହ୍ନରେ ଉକ୍ତ ସ୍ଥାନରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଉକ୍ତ ଡମ୍ପରର ଡ୍ରାଇଭର ରଞ୍ଜିତ ସାହୁ ଓ ହେଲ୍‌ପର ଗୁଡୁ ପାତ୍ର ଆହତ ହୋଇଛନ୍ତି। ଉଭୟଙ୍କୁ ବାମେବାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଖବର ପାଇ ବାମେବାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।

# ପାହାଡ଼ ଉପରେ ବିତୁଛି ଜୀବନ

- ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ
- ଲାଗି ରହୁଛି ହାତୀ ଭୟ
- ନିର୍ବାଚନରେ ଭୋଟ ଦେବାକୁ ଅନିଚ୍ଛା

**ଝୁମ୍ପୁରା, ୧୬।୪(ଡି.ଏନ୍.ଏ.)**

କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ତଥା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ପାହାଡ଼ ଉପରେ ଥିବା ୩ ଗାଁ କନକନା, ହରିଡ଼ାଯୋଡ଼ି, ଦେଓଝରକୁ ମୌଳିକ ସୁବିଧା ଅପହଞ୍ଚ ହୋଇଛି। ଏ ନେଇ ଲୋକେ ଚଳିତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ପାହାଡ଼ ଉପରେ ଅବସ୍ଥିତ ଏହି ୩ ଗ୍ରାମର ଦୂରତା ପରସ୍ପରଠାରୁ ୨ରୁ ୩ କି.ମି. ମଧ୍ୟରେ। ଚାରିଆଡ଼େ ଜଙ୍ଗଲ। ଏକ ପାର୍ଶ୍ୱର ପାହାଡ଼ ତଳେ ପ୍ରବାହିତ ବୈତରଣୀ। ହାତୀ ସହ ଭାଲୁ, ଅନ୍ୟ ବନ୍ୟପ୍ରାଣୀଙ୍କ ଆବାସ ସ୍ଥାନ ଭାବେ କନକନା ଜଙ୍ଗଲ ପରିଚିତ। କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ୧ନଂ ବୁଥ ହେଉଛି କନକନା। ପ୍ରାଥମିକ ବିଦ୍ୟାଳୟରେ ରହିଥିବା ଏହି ବୁଥ। ଏଠାରେ ଭୋଟ ଦେଇଥାନ୍ତି କନକନା, ହରିଡାଯୋଡି ଓ ଦେଓଝର ଗ୍ରାମବାସୀ।



ଆଦିବାସୀ ଅଧ୍ୟୁଷିତ ଗାଁ।

୩ ଗ୍ରାମର ଲୋକସଂଖ୍ୟା ୧୨ଶହରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଭୋଟରଙ୍କ ସଂଖ୍ୟା ୮ଶହରୁ ଉର୍ଦ୍ଧ୍ୱ। ସେଠାରେ ରହିଛି ୧୨ରୁ ଉର୍ଦ୍ଧ୍ୱ ବସ୍ତି। ସାଧାରଣତଃ ମୂଲ, ମଜୁରି ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ଏଠାକାର ଲୋକେ ଚଳନ୍ତି। ବର୍ଷସାରା ହାତୀ ଭୟ ଲାଗି ରହିଥିବାରୁ ଚାଷକାର୍ଯ୍ୟ ଠପ୍ ହୋଇଥାଏ।

ଏହି ଗ୍ରାମଗୁଡ଼ିକରେ ରାସ୍ତା, ପାନୀୟ ଜଳ, ଶିକ୍ଷା ଆଦି ସମସ୍ୟା ରହିଛି। ପାନୀୟଜଳ ପାଇଁ ନଳକୂପ ଥିଲେ ହେଁ ନାଲିପାଣି ବାହାରୁଛି। ତାହା ପାନୀୟ ଉପଯୋଗୀ ହୋଇପାରୁନି। ପୁଣି କେତେକାଂଶରେ ନଳକୂପ ଅଚଳ ହୋଇ ଦୀର୍ଘଦିନ ଧରି ପଡ଼ି ରହୁଛି। ରାସ୍ତା ନାହିଁ। ଏଠାକାର ବସିନ୍ଦା ପିଡିଏସ୍ ସାମଗ୍ରୀ (ଚାଉଳ, ଗହମ) ନେବା ପାଇଁ ୭ କି.ମି. ଜଙ୍ଗଲ ରାସ୍ତାରେ ଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି। କାନ୍ଧରେ ବୋହି ବିପଦସଙ୍କୁଳ ଭାବେ ପିଡିଏସ୍ ସାମଗ୍ରୀ ନେଇଥାନ୍ତି। ସ୍ୱାସ୍ଥ୍ୟସେବା ଏଠାରେ ଅପହଞ୍ଚ ହୋଇଛି। ୧୦୮, ୧୦୨ ଆମ୍ବୁଲାନ୍ସ ସେବା କଙ୍କଡ଼ାଯୋଡ଼ି ଘାଟି ରାସ୍ତା ଦେଇ କନକନା ଗ୍ରାମରେ ପହଞ୍ଚି ପାରୁଥିଲେ ହେଁ ଦେଓଝର, ହରିଡ଼ାଯୋଡି ଗ୍ରାମକୁ ପହଞ୍ଚିପାରେ ନାହିଁ। ବିଦ୍ୟୁତ୍ ଆଲୋକ ଗ୍ରାମ ଗୁଡିକ ପାଇଁ ସାତସପନ ହୋଇଛି। ନିର୍ବାଚନ ପାଖେଇ ଆସିଥିଲେ ହେଁ କୌଣସି ପ୍ରାର୍ଥୀଙ୍କ ଏହି ଗାଁକୁ ପାଦ ପଡିନି। ନେତାମାନେ ଆସିଲେ ଖାଲି ପ୍ରତିଶ୍ରୁତି ଦେଇଥାନ୍ତି। କୌଣସି କାମ ହୁଏ ନାହିଁ। ଏଥର ଭୋଟ ଦେବାକୁ ସେମାନେ ମନା କରିଛନ୍ତି।

# ଭିନ୍ନକ୍ଷମ ନାରାୟଣଙ୍କୁ ଉପେକ୍ଷା

**ଭଦ୍ରକ ଅଫିସ,୧୬।୪**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିନ୍ନକ୍ଷମ ନାରାୟଣ ପ୍ରସାଦ ନାୟକ।

ନାରାୟଣ ପ୍ରସାଦ ନାୟକ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ଦୁଇ ହାତର ଆଙ୍ଗୁଠି ନାହିଁ, ଏପଟେ ଦୁଇ ଗୋଡ ନାହିଁ। ୩ ଚକିଆ ସାଇକେଲରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଯଦିଓ ସେ ଭଦ୍ରକ ପୌରପାଳିକାରେ କିରାଣୀ ଭାବେ କାର୍ଯ୍ୟ କରନ୍ତି। ତାଙ୍କୁ ଚଳିତ ନିର୍ବାଚନରେ କାର୍ଯ୍ୟ କରିବା ପାଇଁ ତାଲିମ ଦିଆସରିଛି। କିନ୍ତୁ ଭଦ୍ରକ ଆଖପାଖରେ କାର୍ଯ୍ୟ ଦିଆ ନ ଯାଇ ଦୀର୍ଘ ୪୦ କି.ମି. ଦୂରରେ ଦିଆଯାଇଥିବାରୁ ସେ ମଙ୍ଗଳବାର ଜିଲାପାଳଙ୍କୁ ଭଦ୍ରକ ଆଖପାଖରେ ନିର୍ବାଚନ ପରିଚାଳନା ଡ୍ୟୁଟି ଦେବା ପାଇଁ ଅନୁରୋଧ କରିବା ପାଇଁ ଆସିଥିଲେ। ହେଲେ ଜିଲାପାଳଙ୍କୁ ତଳ ମହଲାରେ ନ ପାଇ ଶୀଡିରେ ଚଢି ୩ ମହଲାକୁ ଯାଇ ଜଣେ ମହିଳା ଅଧିକାରୀଙ୍କ ପାଖରେ ଦୁଃଖ ଜଣାଇଥିଲେ। ହେଲେ ଉକ୍ତ ମହିଳା ଅଧିକାରୀ ଜଣକ ନାରାୟଣଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଧିକାରୀ ଜଣକ ତାଙ୍କୁ ଟାଉଟର୍ ବୋଲି କହିଥିବା ସେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଥିଲେ। କିଛି ସମୟ ପରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ତଳ ମହଲା ନିଜ କାର୍ଯ୍ୟାଳୟକୁ ଆସିବା ପରେ ନାରାୟଣଙ୍କ ଅଭିଯୋଗ ଶୁଣିଥିଲେ। ଜଣେ ଭିନ୍ନକ୍ଷମଙ୍କୁ ଏଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣା ପ୍ରଶାସନିକ ଅଧିକାରୀଙ୍କ ସହନଶୀଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ଓ ସାଧାରଣରେ ଏହାକୁ ନାପସନ୍ଦ କରାଯାଇଛି।

■ ବଲାଙ୍ଗୀ ମହୋତ୍ସବର ୨ୟ ସନ୍ଧ୍ୟା

# ମନ ମୋହିଲା ଛଉ



ବଲାଙ୍ଗୀ ମହୋତ୍ସବ ମଞ୍ଚରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବାରିପଦା ଅଫିସ,୧୬।୪**

ବାରିପଦାର ବାବା ବୁଢ଼ାରାଉଳ ମଠ ନିକଟସ୍ଥ ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଂଗମସ୍ଥଳରେ ୧୭ତମ ରାଜ୍ୟସ୍ତରୀୟ ବଲାଙ୍ଗୀ ମହୋତ୍ସବ କଳାକାରଙ୍କ ଛଉନୃତ୍ୟ ନିଆରା ଆକର୍ଷଣ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲାରେ କଳା ସଂସ୍କୃତିର ନିଦର୍ଶନ ବହନ କରୁଥିବା ଛଉନୃତ୍ୟ ଦେଶ ବିଦେଶରେ ଆଦୃତି ଲାଭ କରିଛି। ରବିବାର ସନ୍ଧ୍ୟାରେ ୩ ନଦୀର ସଙ୍ଗମସ୍ଥଳରେ ଉଦ୍‌ଘାଟିତ ବଲାଙ୍ଗୀ ମହୋତ୍ସବ ମଞ୍ଚରେ ଛଉନୃତ୍ୟର ଅପୂର୍ବ ଉପସ୍ଥାପନା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସୋମବାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ଉପଦେଷ୍ଟା ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆର୍ଯ୍ୟନ ଇଣ୍ଟରନ୍ୟାଶନାଲ ସ୍ମାର୍ଟ ସ୍କୁଲର ନିର୍ଦ୍ଦେଶିକା ମୂର୍ଚ୍ଛନା ଦାସ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ କବି ଅଶୋକ କୁମାର ପଲେଇ, ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବରିଷ୍ଠ ସଦସ୍ୟ ଉଦୟନାଥ ଜେନା ପ୍ରମୁଖ ବକ୍ତବ୍ୟ ରଖି ବଲାଙ୍ଗୀ ସାଂସ୍କୃତିକ ମହୋତ୍ସବ ପାଳନ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଆରା ବୋଲି କହିଥିଲେ। ଶିକ୍ଷକ ଶଶିଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ପରେ ମୟୂରଭଞ୍ଜର ପ୍ରସିଦ୍ଧ ଛଉନୃତ୍ୟ, ଆଦିବାସୀ ନୃତ୍ୟ ଓ ଅନ୍ୟ ସାଂସ୍କୃତିକ ଦଳର ମନୋରମ ନୃତ୍ୟ ହଜାର ହଜାର ଦର୍ଶକଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲା। ଇଂ ପଦ୍ମନାଭ ମହାପାତ୍ର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଲାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ବଲାଙ୍ଗୀ ସେନାର ସଭାପତି କୁମାରେଶ ନାୟକ,ସମ୍ପାଦକ ମିଥୁନ ବାରିକ, ସଂସ୍କୃତି ସୈନିକ ସନତ ବାରିକ, ଦିଲୀପ ପାତ୍ର, ରମାକାନ୍ତ ରାଉତ, ଲୋକେଶ୍ୱର ଭଞ୍ଜ ପ୍ରମୁଖ ଏହାର ପରିଚାଳନା କରିଥିଲେ। ଆଗାମୀ ୧୮ ତାରିଖରେ ଏହି ମହୋତ୍ସବ ଉଦ୍‌ଯାପିତ ହେବ। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ମନୋରମ ପରିବେଶରେ ମେଳା ଆୟୋଜିତ ହେଉଥିବାରୁ ଅନ୍ୟ ବର୍ଷ ତୁଳନାରେ ଏଥର ଅଧିକ ଜନସମାଗମ ହେଉଥିବା ଲକ୍ଷ୍ୟ କରାଯାଉଛି।

# ଭାଜପାରେ ମିଶିଲେ ପାଳିଆବିନ୍ଧା ସରପଞ୍ଚ

**ତିହିଡ଼ି, ୧୬।୪ (ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ସରପଞ୍ଚ ଉଷାକାନ୍ତ ନାୟକ ଭାଜପାରେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସରପଞ୍ଚ ନାୟକ ତାଙ୍କ ସମର୍ଥକ ଏବଂ ଭାଜପା ନେତାଙ୍କ ସହିତ ସୋମବାର ସନ୍ଧ୍ୟାରେ ବାଇକ୍ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରିଥିଲେ। ମିଶ୍ରଣ ପର୍ବ ଉପଲକ୍ଷେ ପାଳିଆହାଟଠାରେ ସଭା ଅନୁଷ୍ଠିତ ହୋଇଥିଲା। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ଧାମନଗର ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ବିଷ୍ଣୁ ସେଠୀ ଏବଂ ଭଦ୍ରକ ଲୋକ ସଭା ଆସନର ପ୍ରାର୍ଥୀ ଅଭିମନ୍ୟୁ ସେଠୀ ସରପଞ୍ଚ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସେହିପରି ହରେକୃଷ୍ଣ ସାହୁ, ରମେଶ ସାହୁ, ଅଜୟ ସାହୁ, ପ୍ରତାପ ବାରିକ, ରତିକାନ୍ତ ପାତ୍ର, ରବୀନ୍ଦ୍ର ପରିଡ଼ା ପ୍ରମୁଖ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତାମାନେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ରଘୁନାଥ ପାତ୍ର, ଭରତ ସାହୁ, ସରପଞ୍ଚ ସ୍ୱର୍ଣ୍ଣମୟୀ ଜେନା, ଝରଣା ଜେନା ଓ ଅଲିଳପ୍ରଭା ରାଉଳ, ପ୍ରଦୀପ ବଳ, ଉମାକାନ୍ତ ଦାସ, ସୁଧାଂଶୁ ପାଣିଗ୍ରାହୀ, ଧର୍ମାନନ୍ଦ ମହାପାତ୍ର, ପାର୍ଥସାରଥି ନାୟକ, ଧାମନଗର ନେତ୍ରୀ ରେବତୀ ଷଡ଼ଙ୍ଗୀ ଓ ଜୟନ୍ତୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

■ ଭାଜପାର ମିଶ୍ରଣ ପର୍ବ

# ବିଜେଡି, କଂଗ୍ରେସ ଛାଡ଼ିଲେ ଶତାଧିକ ସମର୍ଥକ

**ଧାମନଗର,୧୬।୪(ଡି.ଏନ.ଏ.)**

ଧାମନଗର ନିର୍ବାଚନ ମଣ୍ଡଳୀରେ ଭାଜପା ଶକ୍ତି ବୃଦ୍ଧିକରିବାରେ ଲାଗିଛି । ଧୂଷୁରୀ ନିକଟସ୍ଥ ହରିହଂସ ଠାରେ ମିଶ୍ରଣ ପର୍ବରେ ଭଗବାନପୁର, ସାହାସପୁର, ଗଡିଆଳି, ହସନାବାଦ, ଅର୍ଜୁନପୁର, ଫତେପୁର, ଖପରପଦା ଇତ୍ୟାଦି ପଞ୍ଚାୟତର ବିଭିନ୍ନ ଦଳର ଶତାଧିକ ସମର୍ଥକ ଦଳ ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି । ନରେନ୍ଦ୍ର ମୋଦିଙ୍କ ସୁଶାସନରେ ଆକୃଷ୍ଟ ହୋଇ କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ନବୀନ ସରକାରଙ୍କୁ ହଟାଇ ଭାଜପା ସରକାର ଗଠନ ପାଇଁ ଆହ୍ୱାନ ଦିଆଯାଇଛି। ଧାମନଗର ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ତଥା ରାଜ୍ୟ ଭାଜପା ଉପସଭାପତି ବିଷ୍ଣୁ ସେଠୀ ଅନ୍ୟ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବା ସମର୍ଥକଙ୍କୁ ସ୍ୱାଗତ କରିଥିଲେ। ଜୟରାମ ବେହେରା, ସାଧୁ ଚରଣ ଖଟୁଆ, ଦିପ୍ତେନ୍ଦ୍ର କବି, ବିଜୟ ସେଠୀ, ମନୋଜ ସାହୁ, ସନ୍ତୋଷ ମହଲ, ଜଗନ୍ନାଥ ଜେନା, ପ୍ରଶାନ୍ତ ବେହେରା,ଅରୁଣ ଖଟୁଆ, ସଦାଶିବ ରାଉତ, ସତ୍ୟ ରଞ୍ଜନ କବି, ଭୋଳାନାଥ କବି ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଜିଲା ସାଧାରଣ ସମ୍ପାଦକ ଅଶୋକ ପୁହାଣ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଯୋଗ ମହୋତ୍ସବ ସମିତି ଗଠିତ



ବୈଠକରେ ଯୋଗ ମହୋତ୍ସବ ସମିତିର କର୍ମକର୍ତ୍ତା।

**ଖଇରା, ୧୬।୪(ଡି.ଏନ.ଏ.)**

ଆସନ୍ତା ଜୁନ୨୧ ଯୋଗ ଦିବସକୁ ଖଇରା ବ୍ଲକରେ ବ୍ୟାପକ ଆକାରରେ ପାଳନ କରାଯିବା ଲକ୍ଷ୍ୟରେ ଏକ ପ୍ରସ୍ତୁତି ବୈଠକ ୧୨ତାରିଖରେ ଖଇରା ବ୍ଲକ ଅଧୀନ କୁପାରୀ ଅମ୍ବିକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଞ୍ଚାଳକ ଶୁଭେନ୍ଦୁ ମୁନୀ ଏଥିରେ ପୌରୋହିତ୍ୟ କରିଥିଲେ । ପ୍ରଥମେ ବାଲେଶ୍ୱର ଯୋଗ ସମିତିର ସଂଯୋଜକ ସୁଜିତ କୁମାର ଜେନା, ସ୍ନେହଲତା ଦାସ, ମାନସୀ ଦାସ, ରେଣୁବାଳା ଜେନାଙ୍କ ଉପସ୍ଥିତିରେ ଓଡିଶା ଯୋଗ ମହୋତ୍ସବ ସମିତିର ଖଇରା ଶାଖା ଗଠନ କରାଯାଇଥିଲା। ଖଇରା ବ୍ଲକର ୩୭ଟି ପଞ୍ଚାୟତରୁ ପ୍ରତିନିଧି ମନୋନୀତ କରାଯାଇଥିଲା । ଜିଲା ସଙ୍ଗଠକ ସଂଯୋଜକ ଭାବେ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ଓ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି ବ୍ଲକ ସଂଯୋଜକ ଭାବେ ମଧୁସୁଦନ, ସହସଂଯୋଜକ ଭାବେ ପ୍ରଶାନ୍ତ କୁମାର ଦାସ, ସହ ସଂଯୋଜିକା ଭାବେ ଭାନୁମତୀ ପଣ୍ଡା ଓ ସଭ୍ୟା ସଭ୍ୟ ଭାବେ ରତ୍ନାକର ତିଆଡି, ମାମିନାରାଣି କର, ବୁଦ୍ଧିରାମ ପାଣିଗ୍ରାହୀ, ଦେବେନ୍ଦ୍ର କୁମାର ରାଉତ, ଜ୍ୟୋତିର୍ମୟୀ ଶତପଥି, ଆଲୋକ ପଣ୍ଡା, ମେନକାରାଣି ପାଣ୍ଡିଆ ଓ ଅମରେଶ ପଣ୍ଡା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

# ବେଧଡ଼କ ଚାଲିଛି ସ୍କ୍ରାପ୍ ଚୋରାଚାଲାଣ

**ନୀରବଦ୍ରଷ୍ଟା ପୋଲିସ**

**ଯୋଡ଼ା, ୧୬।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ବେଧଡ଼କ ଭାବେ ସ୍କ୍ରାପ୍ ଚୋରାଚାଲାଣ ହେଉଛି। ଛୋଟ, ବଡ଼ ଯାନବାହନରେ ପ୍ରତିଦିନ ସ୍କ୍ରାପ୍ ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଭୋର ସମୟରେ ଖଣିଜ ବୋଝେଇ ଭାରିଯାନ ଚଳାଚଳ କରୁଥିବା ବେଳେ ପୋଲିସ ପକ୍ଷରୁ ଯାଞ୍ଚ ତଥା ପାଟ୍ରୋଲିଂ କଡାକଡି କରାଯାଉନି। ଏହାର ସୁଯୋଗ ନେଇ ସ୍କ୍ରାପ୍ ବେପାରୀ ଚୋରାଚାଲାଣ କରୁଛନ୍ତି। ଏହି ଚୋରା ସ୍କ୍ରାପ ମୁଖ୍ୟତଃ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଛି।

ଏ ନେଇ ଜଣେ ସୂଚନାଦାତା ନିଜ ନାମକୁ ଗୋପନରେ ରଖି କହିଛନ୍ତି ଯେ, ଯୋଡ଼ା ଥାନାର କେତେଜଣ ଅସାଧୁ ପୋଲିସ କର୍ମଚାରୀଙ୍କ ଇଙ୍ଗିତରେ ଏହି ଚୋରା ସ୍କ୍ରାପ୍ କାରବାର ହେଉଛି। ଯୋଡ଼ା ସହରରେ ବେପାରୀ ସ୍କ୍ରାପ ବୋଝେଇ କରି ବାଂଶପାଣି –ଜୁରୁଡି– ଜଜାଙ୍ଗ ରାସ୍ତା ଦେଇ ଝୁମ୍ପୁରା ଅଭିମୁଖେ ଗାଡିରେ ନେଉଛନ୍ତି। ଝୁମ୍ପୁରା ଅଞ୍ଚଳରେ ଥିବା ସ୍କ୍ରାପ ଡିପୋରେ ଗଚ୍ଛିତ କରାଯାଉଛି। ସେଠାରୁ ଝାଡ଼ଖଣ୍ଡକୁ ଚୋରା ଚାଲାଣ ହେଉଛି। ଯୋଡ଼ା ସହରରେ ଚୋରା ସ୍କ୍ରାପ ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି କାରବାର ହେତୁ ଲୁହା ଓ ଅନ୍ୟ ଧାତୁ ଚୋର ସକ୍ରିୟ ହୋଇଯାଇଛନ୍ତି। ଏପରିକି ଘର ଭିତରେ ପଶି ଚୋରମାନେ ଲୁହା ସାମଗ୍ରୀ ଚୋରିକରି ନେଇ ସ୍କ୍ରାପ୍ ବେପାରୀଙ୍କଠାରେ ବିକି ଦେଉଛନ୍ତି। ବର୍ତ୍ତମାନ ଯୋଡ଼ା ସହରରେ ୨ ରୁ ୩ ଜଣ ସ୍କ୍ରାପ ବିକ୍ରି କରୁଛନ୍ତି। ଏ ନେଇ ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତଙ୍କୁ ପଚାରିବାରୁ ସହରରେ ଯଦି ସ୍କ୍ରାପ ଚୋରାଚାଲାଣ ହେଉଛି ତା'ହେଲେ ପୋଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ କରାଯିବ ସହ ଚୋରଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

# ଗାଡ଼ି ଧକ୍କାରେ ୨ ଆହତ

**ହାଟଡିହୀ, ୧୬।୪(ଡି.ଏନ.ଏ.):** ହାଟଡିହୀ ବ୍ଲକ ଅନ୍ତର୍ଗତ ଆନନ୍ଦପୁର–ଭଦ୍ରକ ରାଜ୍ୟ ରାଜପଥର ବେତିରାଠାରେ ଅଜଣା ଗାଡ଼ି ଧକ୍କାରେ ୨ ଜଣ ଆହତ ହୋଇଛନ୍ତି। ଉଭୟଙ୍କୁ ହାଟଡିହୀ ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଚେତା ଫେରିଥିଲା। ଦୁଇ ଜଣଙ୍କ ଘର ହାଟଡିହୀ ବ୍ଲକ ଅନ୍ତର୍ଗତ ଡଅଁର ପଞ୍ଚାୟତ ସରଳ ଗ୍ରାମରେ। ସେମାନେ ହେଲେ ସୁନାରାମ ମାଝି (୫୨) ଓ ପେଟୁ ମୁଣ୍ଡା(୪୫)।

# ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ

**ବାଲେଶ୍ୱର ଅଫିସ, ୧୬।୪**



ବିଦ୍ୟାଳୟରେ କରାଯାଉଥିବା ସଂସ୍କାର ଯଜ୍ଞ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ ବାଲେଶ୍ୱର ମାନସିଂବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଏକ ଆଧ୍ୟାତ୍ମିକ ପରିବେଶ ଭିତରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ଘଟୋତ୍ତୋଳନ ପରେ ପୂଜା ଆରମ୍ଭ ହୋଇଥିଲା। ପରେ ବାଲେଶ୍ୱର ଗାୟତ୍ରୀ ପରିବାର ପକ୍ଷରୁ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ସହିତ ନୂତନ ଶିଶୁ ଭାଇଭଉଣୀଙ୍କର ବିଦ୍ୟାରମ୍ଭ ସଂସ୍କାର କରାଯାଇଥିଲା। ଉକ୍ତ ଯଜ୍ଞରେ ମୁଖ୍ୟ ଯଜମାନ ଭାବେ ଦେବ ଦମ୍ପତି ମାନନୀୟ ଅଶୋକ କୁମାର ଜେନା ଓ ସହଧର୍ମଣୀଙ୍କ ସମେତ ପୁତ୍ର, ପୁତ୍ରବଧୂ ଯଜ୍ଞରେ ଅଂଶଗ୍ରହଣ କରି ପୂର୍ଣ୍ଣାହୁତି ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିଶୁ ଓ ତାଙ୍କର ମାତାପିତା ଉପସ୍ଥିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଭାଗୀରଥି ବାରିକ ଓ ପୂର୍ବତନ କାଉନସିଲର ଗୌରୀଶଙ୍କର ସାହାଣୀ ଯୋଗଦେଇ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଓ ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ରହି ସହଯୋଗ କରିଥିଲେ। ସମ୍ପାଦକ ଗୟାଧର କର ଧନ୍ୟବାଦ ଦେଇଥିଲେ।

■ ଧୋବାଗଡ଼ିଆରେ କଂଗ୍ରେସର କର୍ମୀ ସମ୍ମିଳନୀ

# ସମର୍ଥନ ଘୋଷଣାକଲା ସବୁଜପତ୍ରିକା ସଂଘ

**ଖଇରା, ୧୬।୪(ଡି.ଏନ୍.ଏ.)**



ସମ୍ମିଳନୀରେ କଂଗ୍ରେସ ନେତା ଓ କର୍ମୀ।

ସିମୁଳିଆ ନିର୍ବାଚନମଣ୍ଡଳୀରେ କଂଗ୍ରେସ ତା'ର ଶକ୍ତି ଧୀରେ ଧୀରେ ବୃଦ୍ଧି କରିଚାଲିଛି। ମଙ୍ଗଳବାର ଖଇରା ବ୍ଲକ ସବୁଜପତ୍ରିକାଧାରୀ ସଂଘ ପକ୍ଷରୁ କଂଗ୍ରେସକୁ ସମର୍ଥନ ଲାଗି ଘୋଷଣା କରାଯାଇଛି। ଏହି ଅବସରରେ ଖଇରା ବ୍ଲକର ଧୋବାଗଡ଼ିଆ କଲ୍ୟାଣ ମଣ୍ଡପରେ ସଂଘର ସଭାପତି କମଳାକାନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ୨ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। କଂଗ୍ରେସର ଭଦ୍ରକ ଏମ୍‌ପି ପ୍ରାର୍ଥୀନୀ ମଧୁସ୍ମିତା ସେଠୀ, ସିମୁଳିଆ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ବରିଷ୍ଠ ନେତା ଶରତ ଦାସ, ଅଶୋକ କୁମାର ଜେନା, ନବକିଶୋର କର ଯୋଗଦେଇ କଂଗ୍ରେସ ସରକାର ସମୟରେ ଏସ୍‌ଏଚ୍‌ଜି ଗଠନ, ସମନ୍ୱିତ ଶିଶୁ ବିକାଶ ଯୋଜନାର ପ୍ରଚଳନ ହୋଇଥିଲା। ହେଲେ ବର୍ତ୍ତମାନର ବିଜେଡି ଓ ଭାଜପା ସରକାର ମହିଳାମାନଙ୍କର ତ କଲ୍ୟାଣ କରୁନାହାନ୍ତି ବରଂ ତାଙ୍କୁ ନେଇ ରାଜନୀତି କରୁଛନ୍ତି। ପୁଣି କଂଗ୍ରେସ କ୍ଷମତାକୁ ଆସିଲେ ସବୁଜପତ୍ରିକାଧାରୀ ସଂଘର ସମସ୍ତ ଦାବିକୁ ପ୍ରାଥମିକତା ଦିଆଯିବ ବୋଲି କହିଥିଲେ। ସଭା ପରେ ସଂଘର କେତେଜଣ ମହିଳାଙ୍କୁ ଭୁଲ୍ ସୂଚନା ପ୍ରଦାନ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ କରାଯିବା ସହ ହୋ–ହଲ୍ଲା ହୋଇଥିବା ପରିଲକ୍ଷିତ ହୋଇଥିଲା।

